# କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ଫାଲକନ ଏଗ୍ରିଫ୍ରିଜ୍ ଫ୍ରୋରଜେନ୍ ପଟାଟୋ ମାନୁଫ୍ୟାକ୍ଚରିଂ ପ୍ଲାଣ୍ଟ ଉଦ୍‌ଘାଟିତ






**ଗୁଜୁରାଟ,(ହି.ସ):** ଭାରତୀୟ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ଫାଲକନ ଏଗ୍ରିଫ୍ରିଜ୍ ଫୁଡ୍‌ସ୍ ପ୍ରାଇଭେଟ୍ ଲିମିରେଡ ପକ୍ଷରୁ ଅତ୍ୟାଧୁନକି ସ୍ୱୟଂ ଚାଳିତ ଫୋରଜେନ୍ ପଟାଟୋ ପ୍ରଡ଼କ୍ସର ପ୍ରସ୍ତୁତକାରୀ ୟୁନଟି୍ ଗୁଜୁରାଟରେ ମେହେସାନା ଠାରର ଉଦ୍‌ଘାଟିତ ହୋଇଛି। ପ୍ଲାଣ୍ଟକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଉତ୍ସବରର ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଗୁଜୁରାଟ ସରକାରଙ୍କ ଶିଳ୍ପ ମନ୍ତ୍ରୀ ବଳବନ୍ତ ସିଂ ରାଜପୁତ, ରାଜ୍ୟସଭା ସାଂସଦ ଶ୍ରୀ ମୟଙ୍କ ଭାଇ ନାୟକ, ମେହେସାନା ସାଂସଦ ହରି ଭାଇ ପଟେଲ ଓ ଫାଲକନ ଗ୍ରୁପ୍‌ର ଅଧକ୍ଷ ତାରା ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅତ୍ୟାଧୁନକି ସୁବିଧା ସମ୍ପନ୍ନ ପ୍ଲାଣ୍ଟ ଉଦ୍‌ଘାଟନ ଅବସରରେ ଫାଲକନ୍ ଗ୍ରୁପ୍ ଓ ଗୁଜୁରାଟ ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଫାଲକନ୍ ଗ୍ରୁପ୍ ଏଥିପାଇଁ ପ୍ରାୟ ଏକହଜାର ପଚାଶ କୋଟି ଟଙ୍କା ବିନିଯୋଗ କରିଛି। ଯାହାକି ଗୁଜୁରାଟକୁ ଫୋରଜେନ୍ ପଟାଟୋପ୍ରସ୍ତୁତକାରୀ କେନ୍ଦ୍ର ଭାବେ ବିଶ୍ୱର ପରିଚିତ କରାଇବ। ୪ ଦଶନ୍ଧିରୁ ଅଧିକ ସମୟ ଧରି ଫାଲକନ୍ ଗ୍ରୁପ୍ ଗୁଣାତ୍ମକ, ବିଶ୍ୱସନୀୟତା ଓ ନୂତନ ଜ୍ଞାନ କୌଶଳ ପ୍ରୟୋଗରେ ଅଗ୍ରଣୀ ଭୂମିକା ନେଇଛି। ପଶୁ ପୋଷଣ ଠାରୁ ଆରମ୍ଭ କରି ମେରାଇନ ଏକ୍ସପୋର୍ଟସ, ରିଅଲ ଇଷ୍ଟେଟ୍, ଖଣି, ଟ୍ରେଡିଂ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଫାଲକନ୍ ଗ୍ରୁପ୍ ତାର ଗୁଣବତ୍ତା ବଜାୟ ରଖିଛି। ଫାଲକନ୍ ଏଗ୍ରିଫ୍ରିଜ୍ ଏହି ଗୁଣବତ୍ତା ବଜାୟ ରଖିବ। ଯାହା ଦ୍ୱାରା ବିଶ୍ୱ ଦରବାରରେ ଭାରତ ଫ୍ରୋଜେନ ଫୁଡ୍‌ସ ରପ୍ତାନୀ କ୍ଷେତ୍ରରେ ଅଗ୍ରଣୀ ରହିବ। ଭାରତର କୃଷି ଶକ୍ତିକୁ ପ୍ରକ୍ରିୟାକରଣ ଆଳୁ ରପ୍ତାନୀ ନୂଆ ଦିଗ ଦେବ। କ୍ଷେତରୁ ଖାଇବା ଥାଳି ଯାଏ ଗୁଣବତ୍ତା ଯେପରି ବଜାୟ ରହେ ସେଥିପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି। ଉତ୍କୃଷ୍ଟ ମଞ୍ଜି ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି। ଉତ୍ତର ଭାରତର ପଞ୍ଜାବ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ହରିୟାଣା ଓ ଲେହ ଲଦାଖ୍‌ରେ ଏକ୍ସପର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଷ କରାଯାଉଛି। ଏହାପରେ ବାଣିଜ୍ୟିକ ଚାଷ ପାଇଁ ଏସବୁ ସ୍ଥାନରୁ ଗୁଜୁରାଟକୁ ଫାଲକନ ରୋବୁଷ୍ଟ କନଷ୍ଟ୍ରାକ୍ଟ ଫାର୍ମିଂ ନେଟ୍‌ୱାର୍କ ଦ୍ୱାରା ପଠାଯାଉଛି। ଯେଉଁଥିରେ କି ୪ ହଜାରରୁ ଅଧିକ ଚାଷୀ ନିୟୋଜିତ ରୋଇଛନ୍ତି। ଉତ୍ପାଦିତ ଆଳୁକୁ ଅତ୍ୟାଧୁନିକ ଶୀତଳ ଭଣ୍ଡାରକୁ ପଠାଇ ଦିଆଯାଏ। ଯହାଫଳରେ ଆଳୁ ସତେଜ ରହିଥାଏ। ମେହସାନା ପ୍ଲାଣ୍ଟଟି ୨୫ ଏକର ଜମିରର ନିର୍ମିତ ହୋଇଛି। ଏହା ଏକମାତ୍ର ଓ ସର୍ବବୃହତ ଫ୍ରେଞ୍ଚ ଉତ୍ପାଦନ ସଂସ୍ଥା ଅଟେ। ଏକ ଘଣ୍ଟାରେ ୧୫ ମେଟ୍ରିକ୍ ଟନ୍‌ରେ ଫ୍ରେଞ୍ଚ ଫ୍ରାଏସ୍ ପ୍ରସ୍ତୁତ ହୋଇପାରିବ। ୨ ବର୍ଷ ମଧ୍ୟରେ ଛିଡା ହୋଇଥିବା ଏହି ପ୍ଲାଣ୍ଟ ହେଉଛି ଭାରତର ସବୁଠୁ ଅତ୍ୟାଧୁନକି ଓ ଶତ ପ୍ରତିଶତ ସ୍ୱୟଂ ଚାଳିତ ଫୁଡ୍ ପ୍ରସେସିଂ ପ୍ଲାଣ୍ଟ। ବିକ୍ରୟ ବିଭାଗର ତାପମାତ୍ରା ୨୮ ଡିଗ୍ରୀ ସେଲସିୟସ ରଖାଯାଇଛି। ବକ୍ତବ୍ୟ ଭାରତୀୟ କୃଷି ମାନଚିତ୍ରରେ ଗୁଜୁରାଟ ସବୁବେଳେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଫଲକନ୍ ପାଇଁ ଏହ ସବୁବେଳେ ଉତ୍ତମ ପସନ୍ଦ। ଅଧିକ ଆଳୁ ଉତ୍ପାଦ ଓ ଚାଷୀ ଉପଯୋଗୀ ଏବଂ ଉତ୍କୃଷ୍ଟ ବାଣିଜ୍ୟିକ ବାତାବରଣ ଫାଲକନ୍ ଗ୍ରୁପ୍ ପାଇଁ ଏଠାରେ ସୁଯୋଗ ସୃଷ୍ଟି କରିଛି। ଏହି ପ୍ଲାଣ୍ଟ କେବଳ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ପାଇଁ ନୁହେଁ ବରଂ ଭବିଷ୍ୟତକୁ ସମେଦନଶୀଳ କରି ଗଢି ତୋଳିବା ଲକ୍ଷ୍ୟ। ଆମେ ଲକ୍ଷ୍ୟ ରଖିଛୁ, ଅନ୍ତର୍ଜାତୀୟ ଗୁଣବତ୍ତା ବଜାୟ ରଖିବା। ଫୁଡ୍ ପ୍ରସେସିଂ ବା ଖାଦ୍ୟ ପ୍ରକ୍ରିୟାକରଣରେ ଭାରତକୁ ଲିଡର କରିବା ଆମ ଉଦ୍ଦେଶ୍ୟ ବୋଲି କହିଛନ୍ତି ଫାଲକନ୍ ଗ୍ରୁପ୍ ଅଧକ୍ଷ ତାରା ରଞ୍ଜନ ପଟ୍ଟନାୟକ। ସେହିପରି ଫାଲକନ୍ ଗ୍ରୁପର ଉପ ସଭାପତି ପାର୍ଥଜିତ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ପିଢି ଅନୁଯାୟୀ ସଂସ୍କାର ଆଣିବା। ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ ଅଗ୍ରଣୀ ଭୂମିକା ନେବ। ଫାଲକନ୍ ଗ୍ରୁପ୍‌ର ଲକ୍ଷ୍ୟ ଚାଷୀଙ୍କୁ ଅଧିକ ସଶକ୍ତ କରିବା ଓ ଅତ୍ୟାଧୁନକି ଜ୍ଞାନ କୌଶଳ ପ୍ରୟୋଗ କରି ନୂଆ ଭାରତ ଗଢିବାରେ ଯୋଗଦାନ ଦେବା ମୂଳ ଉଦ୍ଦେଶ୍ୟ। ଫାଲକନ୍ ଏଗ୍ରିଫ୍ରିଜ୍‌ର ନିର୍ଦ୍ଦେଶକ ତଥା ମୁଖ୍ୟ ପରିଚଳନା ଅଧିକାରୀ ମନିଷ ତିବ୍ରେୱାଲ୍ ଏହି ଅବସରରେ କହିଛନ୍ତି, ପ୍ଲାଣ୍ଟ ଭିତ୍ତିଭୂମି ନିର୍ମାଣରେ ଅଧିକ ନିବେଶ କରାଯାଇଛି। ଯେଉଁଥିପାଇ ବିଶ୍ୱସ୍ତରୀୟ ଗୁଣବତ୍ତା ବଜାୟ ରହିପାରିବ। କେବଳ ଉତ୍ପାଦନ ନୁହେଁ ଦେଶ ଗଠନ ମୁଖ୍ୟ ଲକ୍ଷ୍ୟ। ସିଡ୍ ପ୍ରୋଗ୍ରାମ ଦ୍ୱାରା ଗୁଣାତ୍ମକ ଉତ୍ପାଦନ ହେବ। କୃଷି ଜ୍ଞାନ କୌଶଳ ରଖୁଥିବା ତଥା କୃଷିବିଜ୍ଞାନୀଙ୍କ ପ୍ରତ୍ୟୟ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲୁଛି। ବିଶ୍ୱସ୍ତରୀୟ ସ୍ୱୟଂ ଚାଳିତ ପ୍ଲାଣ୍ଟ ପ୍ରତିଷ୍ଠା ସେ ଚାଷୀଙ୍କ ବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ବିଶ୍ୱ ଖାଦ୍ୟ ବଜାରରେ ଭାରତ ହୃଦୟ ପାଲଟିବ। ଏହି ଲକ୍ଷ୍ୟ ନେଇ ପ୍ଲାଣ୍ଟ ପ୍ରତିଷ୍ଠା ହୋଇଛି ଫାଲକନ ଏଗ୍ରିଫ୍ରିଜ୍‌ର ନିର୍ଦ୍ଦେଶକ ତଥା ମୁଖ୍ୟୟ ପରିଚାଳନା ଅଧିକାରୀ ମନିଷ ତିବ୍ରେୱାଲ୍ କହିଛନ୍ତି।

# ବମ୍ପର ପିଆଜ ଉତ୍ପାଦନ ପରେ ଦର ହ୍ରାସ : କ୍ଷତିରେ ଚାଷୀ



**ମୁମ୍ବାଇ,(ହି.ସ):** ମହାରାଷ୍ଟ୍ରର ପାଇକାରୀ ଓ ଖୁଚୁରା ବଜାରରେ ବମ୍ପର ଫସଲ ଓ ହଠାତ୍ ଅତ୍ୟଧିକ ଯୋଗାଣ ଯୋଗୁଁ ପିଆଜର ଦର ତୀବ୍ର ଭାବେ ହ୍ରାସ ପାଇଛି। ଯାହା ଗ୍ରାହକଙ୍କୁ ଆଶ୍ୱସ୍ତି ଦେଇଥିବା ବେଳେ ଚାଷୀମାନେ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ମୁମ୍ବାଇ ମେଟ୍ରୋପଲିଟାନ ଅଞ୍ଚଳର ମୁଖ୍ୟ ପିଆଜ ଯୋଗାଣକାରୀ ନବୀ ମୁମ୍ବାଇର ଭାଶି ଏପିଏମସିରେ ପାଇକାରୀ ଦର ଫେବୃଆରୀରେ ପ୍ରତି କିଲୋଗ୍ରାମ ୩୫-୪୦ ଟଙ୍କାରୁ ମେ'ରେ ମାତ୍ର ୭-୧୭ ଟଙ୍କାକୁ ଖସିଛି। ଖୁଚୁରା ବଜାରରେ ମଧ୍ୟ ସମାନ ପ୍ରବୃତ୍ତି ଦେଖାଯାଉଛି। ଦର ୪୫ ଟଙ୍କା/କିଲୋଗ୍ରାମରୁ ୨୫-୩୦ ଟଙ୍କା/କିଲୋଗ୍ରାମକୁ ହ୍ରାସ ପାଇଛି। କେତେକ ଅଞ୍ଚଳରେ ଗ୍ରାହକମାନେ ମାତ୍ର ୭ ଟଙ୍କା/କିଲୋଗ୍ରାମରେ ପିଆଜ କିଣୁଛନ୍ତି। ତେବେ, ବ୍ୟବସାୟୀମାନେ କହିଛନ୍ତି ଯେ କେତେକ ଅଞ୍ଚଳରେ ଛୋଟ ଖୁଚୁରା ବ୍ୟବସାୟୀମାନେ ଦରର ଅସ୍ୱଷ୍ଟତାର ସୁଯୋଗ ନେଇ ଅଧିକ ମୂଲ୍ୟ ନେଉଛନ୍ତି। ଖୁଚୁରା ବ୍ୟବସାୟୀ ମନୋହର ଟୋଟଲାନୀଙ୍କ ମତରେ, ଦର ଆହୁରି ହ୍ରାସ ପାଇପାରେ। ଯୋଗାଣ ନିରନ୍ତର ଜାରି ରହିଛି, କିନ୍ତୁ ଚାହିଦା ଏହା ସହ ତାଳ ମିଳାଇ ପାରିନାହିଁ, ସେ କହିଛନ୍ତି। ଏହି ସଙ୍କଟର ମୂଳ ଗତ ବର୍ଷର ଅନୁକୂଳ ଲାଭରେ ରହିଛି। ୨୦୨୪ରେ ଚାଷୀମାନେ ପିଆଜ ପାଇଁ ଭଲ ଦର ପାଇଥିଲେ ଏବଂ ଏହି ଋତୁରେ ଲାଭର ଆଶାରେ ଚାଷ ବୃଦ୍ଧି କରିଥିଲେ, ଭାଶି ଏପିଏମସିର ପାଇକାରୀ ବ୍ୟବସାୟୀ ଅଶୋକ କାର୍ପେ କହିଛନ୍ତି। କିନ୍ତୁ ଉତ୍ପାଦନ ପ୍ରାୟ ଦୁଇଗୁଣ ହୋଇଛି। ସାଧାରଣତଃ ଆମେ ଦୈନିକ ୯୦ରୁ ୧୦୦ ଟ୍ରକ ଦେଖୁ, କିନ୍ତୁ ଏବେ ପ୍ରତିଦିନ ୧୭୦ରୁ ଅଧିକ ଟ୍ରକ ପିଆଜ ନେଇ ଆସୁଛି। ମହାରାଷ୍ଟ୍ରର ଗ୍ରାମୀଣ ଅଞ୍ଚଳରେ ଅସମୟରେ ବର୍ଷା ସ୍ଥିତିକୁ ଆହୁରି ଖରାପ କରିଛି, ଯାହା ସଂରକ୍ଷିତ ପିଆଜକୁ କ୍ଷତିଗ୍ରସ୍ତ କରିଛି ଏବଂ ଚାଷୀମାନେ ଏକାଥରେ ସେମାନଙ୍କ ଷ୍ଟକ ବଜାରକୁ ପଠାଇବାକୁ ବାଧ୍ୟ ହୋଇଛନ୍ତି। ଅଧିକାଂଶ ପିଆଜ ନାସିକ, ଅହମ୍ମଦନଗର, ସାଙ୍ଗମନେର ଏବଂ ପୁଣେରୁ ଆସୁଛି। ବଜାରକୁ ସ୍ଥିର କରିବା ପାଇଁ କେନ୍ଦ୍ର ସରକାର ଏପ୍ରିଲରେ ପିଆଜ ଉପରେ ୨୦% ରପ୍ତାନୀ ଶୁଳ୍କ ଉଠାଇ ନେଇଛନ୍ତି। କିନ୍ତୁ ଚାଷୀମାନେ ବିଶ୍ୱାସ କରୁଛନ୍ତି ଯେ ଏହି ପଦକ୍ଷେପ ଦର ହ୍ରାସକୁ ରୋକିବା ପାଇଁ ବହୁତ ବିଳମ୍ବରେ ଆସିଛି। ଇନପୁଟ ଖର୍ଚ୍ଚ ବୃଦ୍ଧି ଏବଂ ଲାଭର ଅଭାବ ହେତୁ ଅନେକେ ଏବେ ଚିନ୍ତା କରୁଛନ୍ତି ଯେ ଏହି ଦର ହ୍ରାସ ପିଆଜ ଚାଷ ଅଞ୍ଚଳରେ ଦୀର୍ଘମିଆଦୀ ସଙ୍କଟ ସୃଷ୍ଟି କରିପାରେ।

# ଫେଡେରାଲ ବ୍ୟାଙ୍କ ତରଫରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଫେଡେରାଲ ବ୍ୟାଙ୍କ, କଳ୍ପନା ସ୍କୋୟାର ଶାଖା, ନିଭା ବୁପା ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଏବଂ କେୟାର ହସ୍ପିଟାଲ୍‌ର ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଭିନ୍‌ସେନ୍‌ସିଆନ୍ ଓଡିଶା ସୋସାଇଟିର ଫାଦର ଫ୍ରାଙ୍କସିସ୍ ଏବଂ ପ୍ରତିଷ୍ଠିତ ବ୍ୟବସାୟୀ ସନ୍ତୋଷ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏଥିରେ କେୟାର ହସ୍ପିଟାଲ୍‌ର ୧୦ ଜଣ ଡାକ୍ତର ବାୟୋ କେମିକାଲ ପାରାମିଟର, ମେଡିସିନ୍ ଓ ହୃଦରୋଗ ସମ୍ପର୍କୀତ ପରାମର୍ଶ, ଇସିଜି ଓ ଦାନ୍ତ ପରୀକ୍ଷା ଆଦି କରାଇଥିଲେ। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରିତୁରାଜ, ଶାଖା ପ୍ରବନ୍ଧକ ରାହୁଲ କୁମାରଙ୍କ ସମେତ ପାଖାପାଖି ୧୨୦ଜଣ ବ୍ୟକ୍ତି ଏହି ଶିବିରରେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ସଚେତନତା ଓ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା ସହ ଏହି ମହତ୍ କାର୍ଯ୍ୟରେ ନିଜର ଯୋଗଦାନ କରିପାରିଥିବାରୁ ଫେଡେରାଲ ବ୍ୟାଙ୍କ ନିଜକୁ ଗର୍ବିତ ଅନୁଭବ କରୁଅଛି।

# ମାତ୍ର ୭୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଭୁବନେଶ୍ୱରରେ ଲାଭା ପକ୍ଷରୁ ସାର୍କ ୫ଜିର ଶୁଭାରମ୍ଭ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଅଗ୍ରଣୀ ଘରୋଇ ସ୍ମାର୍ଟଫୋନ ନିର୍ମାତା ଲାଭା ଇଣ୍ଟରନ୍ୟାଶନାଲ ଲିମିଟେଡ ଭୁବନେଶ୍ୱରରେ ଏକ ପାୱାର-ପ୍ୟାକ୍‌ଡ ଲଞ୍ଚ ଭେଣ୍ଟରେ ଏହାର ନୂତନ ସାର୍କ ୫ଜି' ସ୍ମାର୍ଟଫୋନର ଉନ୍ମୋଚନ କରିଛି। ଏହା ସହିତ ଲାଭା ପକ୍ଷରୁ ନୂଆ ସାର୍କ ସିରିଜର ଉନ୍ମୋଚନ କରାଯାଇଛି ଯାହା ଭାରତରେ ସ୍ମାର୍ଟଫୋନଗୁଡିକୁ ଡିଜାଇନ ଓ ଉତ୍ପାଦନ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ କରିଛି। ଏହି ଉନ୍ମୋଚନ ବିଭିନ୍ନ ବର୍ଗରେ ଭାରତୀୟ ଉପଭୋକ୍ତାଙ୍କ ପାଇଁ ନେକ୍ସଟ-ଜେନ ଟେକ୍ନୋଲୋଜିକୁ ଅଧିକ ପହଞ୍ଚଯୋଗ୍ୟ କରିବା ପାଇଁ ଲାଭାର ବିଦ୍ୟମାନ ପ୍ରୟାସଗୁଡିକରେ ଆଉ ଏକ ସଫଳତାକୁ ଚିହ୍ନିତ କରୁଛି। ୭୯୯୯ ଟଙ୍କା ମୂଲ୍ୟର ସାର୍କ ୫ଜି କ୍ରୟ ପାଇଁ ରିଟେଲ ଆଉଟଲେଟ ଓ ଲାଭା ଇ-ଷ୍ଟୋର୍‌ରେ ଉପଲବ୍ଧ ହେବ। ଏହି ଶୁଭାରମ୍ଭ ସମ୍ପର୍କରେ ଲାଭା ଇଣ୍ଟରନ୍ୟାସନାଲ ଲିମିଟେଡର ଉତ୍ପାଦ ମୁଖ୍ୟ ସୁମିତ ସିଂହ କହିଛନ୍ତି, "ଗତ ଦୁଇ ବର୍ଷ ମଧ୍ୟରେ ଆମେ ମିଡ୍-ପ୍ରିମିୟମ ସେଗ୍‌ମେଣ୍ଟରେ ଅଗ୍ନି ଓ ବ୍ଲେଜ ଏବଂ ମାର୍ସ ମାର୍କେଟରେ ୟୁବା ଓ ଷ୍ଟର୍ମ ସିରିଜ ଭଳି ସଫଳ ଲଞ୍ଚ୍‌ଗୁଡିକ ସହିତ ଆମର ପ୍ରତ୍ୟାବର୍ତ୍ତନକୁ ପରିଚାଳନା କରିଛି, ଯାହା ସୁଲଭ ଉଦ୍ଭାବନକୁ ଆଗକୁ ଆଣିଛି। ସାର୍କ ୫ଜି ସହିତ ଆମେ ସବୁଠାରୁ ସୁଲଭ ୫ଜି ସ୍ମାର୍ଟଫୋନର ଉନ୍ମୋଚନ କରି ଗର୍ବିତ ଯାହା ଅତ୍ୟାଧୁନିକ ଟେକ୍ନୋଲୋଜି, ଏକ ପ୍ରିମିୟମ ଡିଜାଇନ ଓ ବାଧାମୁକ୍ତ ୫ଜି ଅନୁଭୂତିକୁ ଏକତ୍ରିତ କରୁଛି। ଆମେ ପ୍ରତିକ୍ରିୟାକୁ ନେଇ ସକାରାତ୍ମକ ରହିଛୁ ଏବଂ ସର୍ବୋତମ ଶ୍ରେଣୀର ଉତ୍ପାଦଗୁଡିକ ସହିତ ୧୦,୦୦୦ ଟଙ୍କାରୁ କମ୍ ମୂଲ୍ୟ ବର୍ଗକୁ ପୁନଃବ୍ୟାଖ୍ୟା କରିବା ପାଇଁ ଉତ୍ସାହିତ ରହିଛୁ। ସାର୍କ ୫ଜିର ଲଞ୍ଚ ସହିତ ଲାଭା ମାସ୍ ମାର୍କେଟକୁ ପରବର୍ତ୍ତୀ ପିଢିର କନେକ୍ଟିଭିଟି ଓ ଏକ ଉନ୍ନତ ସ୍ମାର୍ଟଫୋନ ଅନୁଭୂତି ଆଣିବା ପାଇଁ ଏହାର ଲକ୍ଷ୍ୟକୁ ଦର୍ଶାଉଛି। ସ୍ମାର୍ଟଫୋନ ବ୍ୟତୀତ ଲାଭା ସ୍ମାର୍ଟ ଆକ୍‌ସେସରିଜ ବର୍ଗରେ ଏହାର ଉପସ୍ଥିତି ବିସ୍ତାର କରିଛି ଯାହା ସ୍ମାର୍ଟୱାଚ ଓ ଇୟରବଡ୍‌ଗୁଡିକର ଏକ ବର୍ଦ୍ଧିତ ରେଞ୍ଜ ପ୍ରଦାନ କରୁଛି। ଏହି ଶୃଙ୍ଖଳାରେ ଟ୍ରୁ ୱାୟାରଲେସ ସେଗ୍‌ମେଣ୍ଟରେ ପ୍ରୋବଡ୍‌ସ ଟି୨୪ ଓ ପ୍ରୋବଡ୍‌ସ ଟି୩୧ ଭଳି ଲୋକପ୍ରିୟ ମଡେଲ ଏବଂ ପ୍ରୋୱାଚ ଭି୧ ଓ ପ୍ରୋୱାଚ ଏକ୍ସ ଭଳି ସ୍ମାର୍ଟୱାଚ ଆଦି ସାମିଲ ରହିଛି। ଲାଭା ଫିଚର ଫୋନ ବର୍ଗରେ ମଧ୍ୟ ଏକ ଅଗ୍ରଣୀ ବ୍ରାଣ୍ଡ ଅଟେ ଏବଂ ଏହାର ହିରୋ ଶକ୍ତି ଓ ଏ୧ ଯୋଶ୍ ଭଳି ବିଶ୍ୱସନୀୟ ମଡେଲ ରହିଛି ଯାହା ନିର୍ଭରଯୋଗ୍ୟତା ଓ ମୂଲ୍ୟ ସହ ଭାରତବ୍ୟାପୀ ଲକ୍ଷ ଲକ୍ଷ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି। ଲାଭା 'ସର୍ଭିସ ଆଟ ହୋମ' ଓ 'ଡେମୋ ଆଟ ହୋମ' ଭଳି ସେଗ୍‌ମେଣ୍ଟ ପ୍ରଥମ ପଦକ୍ଷେପଗୁଡିକ ମାଧ୍ୟମରେ ଉପଭୋକ୍ତା ଅନୁଭୂତିକୁ ନୂଆ ରୂପ ଦେଉଛି, ଯାହା ଉପଭୋକ୍ତାଙ୍କ ଯାତ୍ରାର ପ୍ରତ୍ୟେକ ପଦକ୍ଷେପରେ ସୁବିଧା, ସ୍ୱଚ୍ଛତା ଓ ବିଶ୍ୱାସ ସୁନିଶ୍ଚିତ କରିଥାଏ। ଆମୋଲେଡ ଡିସ୍‌ପ୍ଲେ, ବୈପ୍ଲବିକ ଆକ୍ସନ କୀ ଓ ଓଆଇଏସ-ସକ୍ଷମ ଟ୍ରିପଲ କ୍ୟାମେରା ସେଗ୍‌ମେଣ୍ଟ ପ୍ରଥମ ଉଦ୍ଭାବନଗୁଡିକ ସହିତ ଅଗ୍ନି ୩କୁ ଗତବର୍ଷ ଅକ୍ଟୋବରରେ ଲଞ୍ଚ କରାଯାଇଥିଲା । ଉଭୟ ଅନଲାଇନ ଓ ଅଫଲାଇନ ଚ୍ୟାନେଲରେ ଉପଲବ୍ଧ ଲାଭାର ବ୍ଲେଜ ସିରିଜ ଉପଭୋକ୍ତାଙ୍କ ପାଇଁ ଉଭୟ ରିଟେଲ ଇକୋସିଷ୍ଟମର ସର୍ବୋତମତା ଆଣିଛି। ଷ୍ଟର୍ମ ସିରିଜ ଅପ୍ରତିବନ୍ଧିତ ଉତ୍ସାହ ଓ ଶକ୍ତିକୁ ଧାରଣ କରିଛି। ଲାଭାର ବୋଲ୍ଡ ୫ଜି ଏକ ସେଗ୍‌ମେଣ୍ଟ-ପ୍ରଥମ ୬.୬୭ ଇଞ୍ଚ ୩ଡି କର୍ଭଡ ଆମୋଲେଡ ଡିସ୍‌ପ୍ଲେ, ମିଡିଆଟେକ ଡାଇମେନସିଟି ୬୩୦୦ ପ୍ରୋସେସର ଓ ଏକ ୬୪ ଏମପି ସୋନି ସେନ୍ସର ସହିତ ପ୍ରିମିୟମ ଫିଚର ପ୍ରଦାନ କରୁଛି। ବୋଲ୍ଡ ସିରିଜକୁ ଆଣ୍ଡ୍ରଏଡ ଆଉଟ ଅଫ ଦ ବକ୍ସ, ଗ୍ୟାରେଣ୍ଟିଡ ଅପ୍‌ଗ୍ରେଡ ଓ ବିନା ବ୍ଲଟୱେୟାର ସହିତ ଅନ୍‌ଲାଇନ ରହୁଥିବା, ଅନ୍‌ଲାଇନ ସଫିଂ କରୁଥିବା ଏବଂ ଅଧିକ ବ୍ୟୟ ନକରି ନିଜ ସ୍ମାର୍ଟଫୋନରୁ ଅଧିକ କିଛି ଚାହୁଁଥିବା ଗ୍ରାହକଙ୍କ ପାଇଁ ନିର୍ମାଣ କରାଯାଇଛି। ୟୁବା ସିରିଜ ପ୍ରଥମ ଥରର ସ୍ମାର୍ଟଫୋନ ଉପଭୋକ୍ତାଙ୍କୁ ସ୍ମାର୍ଟଫୋନ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି।




## କୂଟନୈତିକ ଆଲୋଚନା ଅଭିଯାନ: ଆଉ ଦୁଇଟି ପ୍ରତିନିଧିମଣ୍ଡଳ ଗଲେ ବିଦେଶ ଗସ୍ତରେ

**ନୂଆଦିଲ୍ଲୀ, (ହି.ସ.):** ଭାରତର କୂଟନୈତିକ ଆଲୋଚନା ଅଭିଯାନ ଅଧୀନରେ ଆଉ ଦୁଇଟି ପ୍ରତିନିଧିମଣ୍ଡଳୀ ବିଦେଶ ଯାଇଛନ୍ତି। ତିନୋଟି ପ୍ରତିନିଧି ଦଳ ପୂର୍ବରୁ ବିଭିନ୍ନ ଦେଶ ଗସ୍ତ କରୁଛନ୍ତି। ଏହି ସମୟରେ, ଭାରତୀୟ ଜନତା ପାର୍ଟି (ବିଜେପି) ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଶୁକ୍ରବାର ବାହାରିନରେ ପହଞ୍ଚିଛି। ଏଠାରେ ତାଙ୍କୁ ଭାରତୀୟ ରାଷ୍ଟ୍ରଦୂତ ବିନୋଦ କେ. ଜାକବ୍ ସ୍ୱାଗତ କରିଥିଲେ। ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ବାହାରିନ, କୁଏତ, ସାଉଦି ଆରବ ଏବଂ ଆଲଜେରିଆ ଗସ୍ତରେ ଅଛନ୍ତି। ସେହି ସମୟରେ, କଂଗ୍ରେସ ସାଂସଦ ଶଶି ଥରୁରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଆମେରିକା, ପାନାମା, ଗିଆନା, ବ୍ରାଜିଲ ଏବଂ କଲମ୍ବିଆ ଗସ୍ତରେ ଅଛନ୍ତି। ଏହି ପ୍ରତିନିଧିମଣ୍ଡଳୀମାନେ 'ସୀମାପାର ଆତଙ୍କବାଦ' ବିରୁଦ୍ଧରେ ଭାରତର ଅଟଳ ନୀତିକୁ ରେଖାଙ୍କିତ କରିବେ। ସମସ୍ତ ବୈଠକ ଏବଂ ଆଲୋଚନାରେ ଭାରତର 'ଶୂନ୍ୟ ସହନଶୀଳତା' ନୀତିକୁ ପ୍ରମୁଖ ଭାବରେ ଗୁରୁତ୍ୱ ଦିଆଯିବ। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଏକ୍ସ ରେ କହିଛନ୍ତି ଯେ ଏହି ସର୍ବଦଳୀୟ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ରାଜନୈତିକ ମତଭେଦରୁ ଉପରକୁ ଉଠି ବିଶ୍ୱ ସମ୍ମୁଖରେ ଆତଙ୍କବାଦର ବିଶ୍ୱ ବିପଦ ବିରୁଦ୍ଧରେ ଭାରତର ଏକତା ଏବଂ ସ୍ୱଷ୍ଟ ନୀତି ଉପସ୍ଥାପନ କରିବା।

## ସମସ୍ତ ମୁଖ୍ୟମନ୍ତ୍ରୀ ଏକ ସ୍ୱରରେ ଅପରେସନ ସିନ୍ଦୂରକୁ କରିଥିଲେ ପ୍ରଶଂସା: ରେଖା ଗୁପ୍ତା

**ନୂଆଦିଲ୍ଲୀ,(ହି.ସ.):** ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି ଭାରତ ମଣ୍ଡପମରେ ଅନୁଷ୍ଠିତ ନୀତି ଆୟୋଗ ଗଭର୍ଣ୍ଣିଂ କାଉନସିଲର ଦଶମ ବୈଠକରେ ଯୋଗ ଦେଇଥିଲେ। ବୈଠକ ପରେ ସେ ସାମ୍ବାଦିକମାନଙ୍କୁ କହିଥିଲେ ଯେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଏକମତ ହୋଇ ଅପରେସନ ସିନ୍ଦୂର ଏବଂ ସେନାକୁ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀମାନେ ସେନା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଗୁପ୍ତା କହିଛନ୍ତି ଯେ ହର ଘର ନଳ ଯୋଜନା ଏବଂ ଯମୁନା ଉପରେ ମଧ୍ୟ ଆଲୋଚନା ହୋଇଛି। ସମସ୍ତ ରାଜ୍ୟ ଯମୁନା ନଦୀ ଉପରେ ସହଯୋଗ ବିଷୟରେ ଆଲୋଚନା କରିଥିଲେ। ଦିଲ୍ଲୀରେ ନୂତନ ପର୍ଯ୍ୟଟନ ସ୍ଥଳୀ ବିକାଶ କରିବା ଉପରେ ଆଲୋଚନା ହୋଇଥିଲା। ଆମ ଆଦମୀ ପାର୍ଟି ଉପରେ ଆକ୍ରମଣ କରି ସେ କହିଛନ୍ତି ଯେ ପୂର୍ବ ସରକାର ଏହି ବୈଠକରେ ଯୋଗ ନ ଦେଇ ଦିଲ୍ଲୀର ବହୁତ କ୍ଷତି କରିଥିଲେ। ମୁଖ୍ୟମନ୍ତ୍ରୀ ଏକ୍ସ ପୋଷ୍ଟରେ କହିଛନ୍ତି ଯେ ନୀତି ଆୟୋଗର ବୈଠକରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ମୋଦିଙ୍କ ମାର୍ଗଦର୍ଶନରେ ବିକଶିତ ଭାରତର ସଂକଳ୍ପକୁ ସାକାର କରିବାରେ ରାଜ୍ୟଗୁଡ଼ିକର ଭୂମିକା ଉପରେ ଏକ ବିସ୍ତୃତ ଆଲୋଚନା ହୋଇଥିଲା। ଆମେ ଦିଲ୍ଲୀର ଭୂମିକାକୁ କେବଳ ଏକ ସହାୟକ ଭୂମିକା ଭାବରେ ନୁହେଁ ବରଂ ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଏକ ପ୍ରେରଣାଦାୟକ ଏବଂ ଅଗ୍ରଣୀ ସ୍ତମ୍ଭ ଭାବରେ ପ୍ରତିଷ୍ଠିତ କରିବାକୁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ସେ କହିଥିଲେ ଯେ ଏହା କେବଳ ଏକ ବିକାଶ ଯୋଜନା ନୁହେଁ ବରଂ ଆଗାମୀ ପିଢ଼ି ପାଇଁ ସ୍ୱପ୍ନ, ସମ୍ଭାବନା ଏବଂ ଏକ ଶକ୍ତିଶାଳୀ ଭାରତ ନିର୍ମାଣ ଦିଗରେ ଏକ ଜାତୀୟ ଅଭିଯାନ। ଏହାର ଏକ ଅଂଶ ହେବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଦିଲ୍ଲୀ ଏବେ ବିକାଶରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି।

## ବିଶ୍ୱରେ ଏକ୍ସ ସେବା ପୁଣି ଠପ୍ ୟୁଜର୍ସ ଆଣିଲେ ଅଭିଯୋଗ



**ୱାଶିଂଟନ୍,(ହି.ସ):** ଏଲନ ମସ୍କଙ୍କ ସୋସିଆଲ ମିଡିଆ ସାଇଟ ଏକ୍ସ ପୁଣି ଥରେ ଡାଉନ ହୋଇଯାଇଛି। ଅନେକ ଦେଶର ୟୁଜର୍ସ ଏନେଇ ଅଭିଯୋଗ ଆଣିଛନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ଅସୁବିଧା ପରିଲକ୍ଷିତ ହେଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଗତକାଲି ରାତିରେ ମଧ୍ୟ ଏଭଳି ଅସୁବିଧା ଦେଖାଯାଇଥିଲା। ଏହା ଆଜି ମଧ୍ୟ ଜାରି ରହିଛି। କମ୍ପାନୀର ଇଞ୍ଜିନିୟରିଂ ଟିମ୍ କହିଛି ଯେ, ଏକ ବଡ଼ ଡାଟା ସେଣ୍ଟରରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅନେକ ସେବା ଏପର୍ଯ୍ୟନ୍ତ ଠିକ ଭାବରେ କାମ କରୁନାହିଁ। ଏବେ କାମ ଚାଲିଛି। ଏହି ସମସ୍ୟା ଯୋଗୁ ଅନେକ ଗୁରୁତ୍ୱପୂର୍ଣ୍ଣ ଫିଚର ଠିକ ଭାବରେ କାମ କରୁନାହିଁ। କିଛି ସ୍ଥାନରେ ଧୀରେ ଧୀରେ ଚାଲୁଛି ଏବଂ କିଛି ସ୍ଥାନରେ ହ୍ୟାଙ୍ଗ୍ ହୋଇ ରହିଯାଉଛି।ଏହା ବ୍ୟତୀତ, କିଛି ଡିଭାଇସରେ ଏକ୍ସ ଫିଚରଟି ଖୋଲି ପାରୁନାହିଁ। ଏଥିପାଇଁ ୟୁଜର୍ସଙ୍କୁ ଲଗଇନ ଏବଂ ସାଇନ ଆଉଟ୍ କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କେବଳ ଏତିକି ନୁହେଁ, ଏକ୍ସ ପ୍ରିମିୟମ ସେବାଗୁଡ଼ିକ ଠିକ ଭାବରେ କାମ କରୁନାହିଁ। ଏକ୍ସର ଇଞ୍ଜିନିୟରିଂ ଟିମ୍ ପକ୍ଷରୁ କୁହାଯାଇଛି ଯେ, ସେମାନେ ଏହି ସମସ୍ୟାର ସମାଧାନ ପାଇଁ ୨୪ ଘଣ୍ଟା ହେବ କାମ କରୁଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ ସବୁକିଛି ସ୍ୱାଭାବିକ ହୋଇନାହିଁ।

## ଆସାମରେ ଉଲଫା (ଆଇ)ର ଅପରେସନ କମାଣ୍ଡର ରୂପମ ଅସୋମ ଗିରଫ

**ତିନସୁକିୟା (ଆସାମ), (ହି.ସ.):** ସେନା ଓ ପୋଲିସ ଟିମ୍ ର ମିଳିତ କାର୍ଯ୍ୟାନୁଷ୍ଠାନରେ ଶନିବାର ସକାଳେ ତିନସୁକିୟା ଜିଲ୍ଲାର ଜାଗୁନ, ଟିଙ୍ଗୋପାନି ଅଂଚଳରୁ ଆସାମରେ ଉଲଫା (ଆଇ)ର ଅପରେସନ କମାଣ୍ଡର ସ୍ୱୟଂଭୁ ବ୍ରିଗେଡିୟର ରୂପମ ଅସୋମକୁ ଗିରଫ କରାଯାଇଛି । ତା' ନିକଟରୁ ଏକ ପିସ୍ତଲ ଏବଂ ଗୋଟିଏ ହାତଗୋଳା ଜବତ କରାଯାଇଛି । ଶେଷ କ୍ୟାଡରଙ୍କ ତଲାସରେ ଅଭିଯାନ ଜାରି ରହିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ରୂପମ ଅସୋମ ଏବଂ ତା'ର ଟିମ୍ ଆସାମ-ଅରୁଣାଚଳ ସୀମାର ଜଙ୍ଗଲରେ ଲୁଚି ରହିଥିଲେ ଏବଂ କିଛି ଗତିବିଧି ନେଇ ଯୋଜନା ପ୍ରସ୍ତୁତ କରୁଥିଲେ । ସେମାନଙ୍କର ଉପସ୍ଥିତି ବାବଦରେ ପୋଲିସ ଟିମ୍ କୁ ସୂଚନା ମିଳିଥିଲା । ପୋଲିସ ଟିମ୍ ଏକ ଅଭିଯାନ ଚଳାଇବା ସହ ତାକୁ ଧରିଥିଲା । ତିନସୁକିୟା ଜିଲ୍ଲା ସଦର ଥାନାରେ ତାକୁ ପଚରାଉଚରା କରାଯାଉଛି । ଅପରେସନ ସମୟରେ ତା' କବ୍ଜାରେ ରହିଥିବା ଅସ୍ତ୍ରଶସ୍ତ୍ର, ଡିମାଣ୍ଡ ନୋଟ୍‌ସ ଫର କଲେକ୍ସନ ଅଫ୍ ଫଣ୍ଡ ଏବଂ ଅନ୍ୟ ଆପତିଜନକ ସାମଗ୍ରୀ ଜବତ ହୋଇଛି । ଉଲଫା (ଆଇ) ସମୂହର ଅନ୍ୟ ସଦସ୍ୟଙ୍କ ସନ୍ଧାନ ନେବା ଓ ସେମାନଙ୍କୁ ଧରିବା ନିମନ୍ତେ ସୀମାବର୍ତୀ ଅଂଚଳରେ ତଲାସୀ ଅଭିଯାନ ଜାରି ରଖିଛି ପୋଲିସ ।

# ପୂର୍ବ ସରକାର କେବଳ ପ୍ରତିଶ୍ରୁତି ଦେଉଥିଲେ, ଡବଲ ଇଞ୍ଜିନ ସରକାର କଥା ଦେଇ କଥା ରଖୁଥିବାର ସରକାର : ଧର୍ମେନ୍ଦ୍ର ପ୍ରଧାନ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ପୂର୍ବ ସରକାର କେବଳ ପ୍ରତିଶ୍ରୁତି ଦେଉଥିଲେ, ମାତ୍ର ଜନଆଶୀର୍ବାଦରେ ଓଡ଼ିଶାରେ ହୋଇଥିବା ଡବଲ ଇଞ୍ଜିନ ସରକାର କଥା ଦେଇ କଥା ରଖୁଥିବାର ସରକାର ବୋଲି ଶୁକ୍ରବାର "କେନ୍ଦୁପତ୍ର ଶ୍ରମିକଙ୍କର ସଶକ୍ତିକରଣ – ଅଧିକାର, ସୁଯୋଗ ଓ କଲ୍ୟାଣ" କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ବଲପୁରରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଏବଂ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ କେନ୍ଦୁପତ୍ର ଭାଇ ଭଉଣୀମାନଙ୍କର ବଡ଼ ଯୋଗଦାନ ରହିଛି । ସେମାନଙ୍କୁ ସଶକ୍ତ କରିବା ସହ ସ୍ଥାୟୀ ସମସ୍ୟାର ସମାଧାନ କରିବା ପାଇଁ ଆମ ଡବଲ ଇଞ୍ଜିନ ସରକାର ଯତ୍ନଶୀଳ । କେନ୍ଦୁପତ୍ର ଶ୍ରମିକଙ୍କର ସବୁ ପ୍ରତିଶ୍ରୁତି ପୂରଣ କରାଯିବ । ଏ ଦିଗରେ ଆଜିର କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ପଦକ୍ଷେପ । ପୂର୍ବ ସରକାର ଲୋକମାନଙ୍କୁ କେବଳ ପ୍ରତିଶ୍ରୁତି ଦେଉଥିଲେ ମାତ୍ର ତାହାକୁ ପୂରଣ କରୁନଥିଲେ । ସୋହେଲାରେ ଧାନ ଉପରେ ୧୦୦ ଟଙ୍କା ଅତିରିକ୍ତ ବୋନସ ଦେବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହାକୁ ପୂରଣ କରିଥିଲେ । ଆମ ସରକାର ସବକା ସାଥ୍- ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସରେ କାମ କରୁଥିବା ସରକାର। ଏବେ ଡବଲ ଇଞ୍ଜିନ ସରକାରରେ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି କରାଯାଇଛି। ସୁଭଦ୍ରା ଯୋଜନା ପ୍ରାୟ ଏକ କୋଟି ମାଆ ଭଉଣୀମାନଙ୍କୁ ସଶକ୍ତ କରିଛି । ରାଜ୍ୟର ପ୍ରାୟ ୮୦୦୦ କୋଟି ଟଙ୍କା ମୂଲ୍ୟର ୭ ଲକ୍ଷ ମେଟ୍ରିକ୍ ଟନ ଖରିଫ ଧାନ ସଂଗ୍ରହ ଏବଂ ହିତାଧିକାରୀଙ୍କୁ ଡିବିଟି ଜରିଆରେ ସିଧାସଳଖ ସହାୟତା ରାଶି ପ୍ରଦାନ ସହ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ ଡବଲ ଇଞ୍ଜିନ ସରକାରର କାମ କରିବାର ପ୍ରତିଫଳନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଶ୍ରମିକଙ୍କ ସାମାଜିକ ସୁରକ୍ଷା, ସେମାନଙ୍କ ସମ୍ମାନ ବଢାଇବା ସହ କଲ୍ୟାଣକାରୀ ଯୋଜନା କରିବା ପାଇଁ କଟିବଦ୍ଧ । ସମ୍ବଲପୁରରେ ପ୍ରାୟ ୨ ଲକ୍ଷରୁ ୨.୫ ଲକ୍ଷ ପରିବାର ବସବାସ କରନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମସ୍ତଙ୍କର କଲ୍ୟାଣ ତଥା ଆୟ ବୃଦ୍ଧି କରାଇବା ଡବଲ ଇଞ୍ଜିନ ସରକାରର ଦାୟିତ୍ୱ ରହିଛି । ଆମ ଡବଲ ଇଞ୍ଜିନ ସରକାରରେ ଆସନ୍ତା ୫ ବର୍ଷ ମଧ୍ୟରେ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢାଇବା ପାଇଁ ସରକାରୀ ବିଦ୍ୟାଳୟଗୁଡ଼ିକରେ ୫୦,୦୦୦ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ହୋଇଛି । ସେହିପରି ରାଜ୍ୟରେ ୬୭୯୪ ଗ୍ରାମ ପଞ୍ଚାୟତରେ ଗୋଟିଏ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା କରିବା ପାଇଁ ଡବଲ ଇଞ୍ଜିନ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ମଧ୍ୟାହ୍ନ ଭୋଜନ ସମ୍ପ୍ରସାରଣ ହୋଇଛି । ରାଜ୍ୟରେ ଡ୍ରପ ଆଉଟ୍ ହାର କମାଇବା ପାଇଁ ରାଜ୍ୟ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି, ଯାହା ପ୍ରଶଂସନୀୟ । ଏହି ଅବସରରେ ଶ୍ରୀ ପ୍ରଧାନ କେନ୍ଦୁପତ୍ର ତୋଳାଳୀ ଏବଂ ନିର୍ମାଣ ଶ୍ରମିକ ହିତାଧିକାରୀମାନଙ୍କୁ ଶିକ୍ଷାବୃତ୍ତି, ମୃତ୍ୟୁକାଳୀନ, ଅନୁକମ୍ପାମୂଳକ ଏବଂ ଅନ୍ୟାନ୍ୟ ସହାୟତା ରାଶି ଆଦି ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ ।

# ନୂତନ ଶିକ୍ଷାନୀତି-୨୦୨୦ ବିଶ୍ୱର ପରିବର୍ତ୍ତିତ ଆବଶ୍ୟକତା ପୂରଣ ଦିଗରେ ମାଇଲଖୁଣ୍ଟ : ରାଜ୍ୟପାଳ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ବ୍ୟକ୍ତିର ବିକାଶ ସହିତ ସମାଜ ଓ ରାଷ୍ଟ୍ରର ବିକାଶ ସମନ୍ୱିତ ହୋଇ ଗତି କରେ। ବ୍ୟକ୍ତି, ସମାଜ ଏବଂ ସାମଗ୍ରିକ ଭାବରେ ଜାତିକୁ ପରିବର୍ତ୍ତନ କରିବାରେ ଶିକ୍ଷା ହେଉଛି ଶକ୍ତି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଚଳିତ ମଇ ୨୪ ତାରିଖ ଦିନ ଭୁବନେଶ୍ୱରଠାରେ "ଓ- ଟିଭି ଶିକ୍ଷା କନ୍‌କ୍ଲେଭ – ୨୦୨୫"କୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବିଶ୍ୱ ବର୍ତ୍ତମାନ ଦ୍ରୁତ ପରିବର୍ତ୍ତନ ଦେଇ ଗତି କରୁଛି। ଏପରି ପରିବର୍ତ୍ତିତ ପରିସ୍ଥିତିରେ ବିଗ୍ ଡାଟା, ମେସିନ ଲର୍ଣ୍ଣିଂ, କୃତ୍ରିମ ବୁଦ୍ଧିମତା, ରୋବଟିକ୍ ବିଜ୍ଞାନ ଇତ୍ୟାଦିର ଆବିର୍ଭାବ ସହିତ ବିଶ୍ୱର ବୁଝମଣାରେ ଏକ ବଡ଼ ପରିବର୍ତ୍ତନ ଆସିଛି। ବର୍ତ୍ତମାନ ବିଶ୍ୱ ସମ୍ମୁଖୀନ ହେଉଥିବା ବହୁବିଧ ସମସ୍ୟାର ସମାଧାନ ପାଇଁ ବିଶେଷଜ୍ଞତା ଆବଶ୍ୟକ। ଦ୍ରୁତ ପରିବର୍ତ୍ତନଶୀଳ ନିଯୁକ୍ତି ଏବଂ ଗ୍ଲୋବାଲ ଇକୋସିଷ୍ଟମ୍ ପାଇଁ ଯୁବ ପୀଢ଼ି ସୃଜନଶୀଳ, ବହୁବିଧ ଅନୁକୂଳଶୀଳ ଏବଂ ଉଦ୍ଭାବନଶୀଳ ହେବା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି। ନୂତନ ଶିକ୍ଷାନୀତି – ୨୦୨୦ ବିଶ୍ୱର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ଦିଗରେ ଏକ ମାଇଲଖୁଣ୍ଟ ଭାବେ ଉଭା ହୋଇଛି। ଏହା ଯୁବପୀଢ଼ିଙ୍କ ନିଯୁକ୍ତି କ୍ଷମତା ବୃଦ୍ଧି କରିବା ଏବଂ ସେମାନଙ୍କୁ ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରିବା ଲକ୍ଷରେ ପାରଂପରିକ ଶିକ୍ଷା ସହିତ ଦକ୍ଷତାର ସମନ୍ୱୟ ଉପରେ ଗୁରୁତ୍ୱ ଆରୋପ କରିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିବା ସହିତ କନ୍‌କ୍ଲେଭରେ ଉପସ୍ଥିତ ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ବୃତ୍ତିଧାରୀମାନେ ପାଠ୍ୟକ୍ରମରେ ଦକ୍ଷତା ବିକାଶ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରିବା ଏବଂ ଶିକ୍ଷାନୁଷ୍ଠାନ ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠାନ ମଧ୍ୟରେ ଅଧିକ ସହଯୋଗ ଓ ସମନ୍ୱୟ ମଡେଲ ପ୍ରସ୍ତୁତ ଉପରେ କାର୍ଯ୍ୟକାରିବାକୁ ଆହ୍ୱାନ ଜଣାଇଥିଲେ। କନ୍‌କ୍ଲେଭର ଆଲୋଚନା ଓ ନିଷ୍କର୍ଷ ୨୦୩୬ ସୁଦ୍ଧା ଏକ ବିକଶିତ ଓଡିଶା ପାଇଁ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରିବାରେ ସାହାଯ୍ୟ କରିବ ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ନୂତନ ଶିକ୍ଷାନୀତି-୨୦୨୦ କେବଳ ଚାକିରି ଖୋଜୁଥିବା ବ୍ୟକ୍ତି ସୃଷ୍ଟି କରିବା ପାଇଁ ସୀମିତ ନୁହେଁ, ବରଂ ଏହା ଯୁବବର୍ଗଙ୍କୁ ଉଦ୍ୟୋଗୀ ହେବା ପାଇଁ ପ୍ରୋତ୍ସାହିତ କରିବ ବୋଲି ରାଜ୍ୟପାଳ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଦେଶ ୨୦୪୭ ସୁଦ୍ଧା ବିକଶିତ ଭାରତରେ ପରିଗଣିତ ହେବାର ଲକ୍ଷ ରଖିଥିବା ବେଳେ ଉଦ୍ୟୋଗୀ ହେବାକୁ ଆକାଂକ୍ଷା ରଖୁଥିବା ଯୁବବର୍ଗର ଭୂମିକା ଏହାକୁ ବାସ୍ତବ ରୂପ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଶ୍ରୀମତୀ ଜାଗୀ ମଙ୍ଗତ ପଣ୍ଡାଙ୍କ ନେତୃତ୍ୱରେ ଓ-ଟିଭି ଶିକ୍ଷା କନ୍‌କ୍ଲେଭ ଆୟୋଜନ କରିବାର ନିରନ୍ତର ପ୍ରୟାସ ପାଇଁ ଓଡ଼ିଶା ଟେଲିଭିଜନ ଗ୍ରୁପ୍‌କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହିତ ଏ ପ୍ରକାର ଆୟୋଜନ ଏହାର ସାମାଜିକ ପ୍ରତିବଦ୍ଧତାର ପ୍ରମାଣ ବୋଲି ରାଜ୍ୟପାଳ କହିଥିଲେ। ପ୍ରାରମ୍ଭରେ ଓଡିଶା ଟେଲିଭିଜନ ନେଟ୍‌ୱାର୍କ ଲି଼.ର ଏମ୍.ଡି ଶ୍ରୀମତୀ ଜାଗୀ ମଙ୍ଗତ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ପାଢ଼ୀ ଟିୟୁଟୋରିଆଲପକ୍ଷରୁ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ପାଢ଼ୀ ଟିୟୁଟୋରିଆଲକୁ ମିଳିଛି ବଡ଼ ସଫଳତା। ୪୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ସେଥିମଧ୍ୟରୁ ୧୨ଜଣ ୯୦ପ୍ରତିଶତ ମାର୍କ ରଖି ଉତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ଟିୟୁଟୋରିଆଲ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଚଳିତବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବିଜ୍ଞାନରେ ଏହି ଟିୟୁଟୋରିଆଲ ଅପୂର୍ବ ସଫଳତା ଛାତ୍ରଛାତ୍ରୀ ତଥା ଅଭିଭାବକ ମଧ୍ୟରେ ଖୁସି ଖେଳାଇ ଦେଇଛି। ଛାତ୍ରୀ ଶୁଭଶ୍ରୀ ୯୪ ପ୍ରତିଶତ ମାର୍କ ରଖିଛନ୍ତି। କୋଷାଧକ୍ଷ ଲୁସି ମେଡମଙ୍କ ସଭାପତିତ୍ୱ ଅନୁଷ୍ଠିତ ବୈଠକରେ ସଫଳତା ପାଇଁ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇବା ସହ ପରିଶେଷରେ ପରିଚାଳନା କମିଟି ସଦସ୍ୟ ଓ ସମସ୍ତ କର୍ମଚାରୀଙ୍କର ଅକୁଣ୍ଠ ସହଯୋଗ ଓ ନିଷ୍ଠା ପାଇଁ ସାଧୁବାଦ ଜଣାଇଛନ୍ତି।

# ଭିଜିଲାନ୍ସ ଜାଲରେ ଏଏସଆଇ ଓ ହୋମଗାର୍ଡ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଭିଜିଲାନ୍ସ ଜାଲରେ ଏଏସଆଇ ଓ ହୋମଗାର୍ଡ । ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଥାନା ଅନ୍ତର୍ଗତ ବନକୋଇ ଆଉଟପୋଷ୍ଟରେ କାର୍ଯ୍ୟରତ ଏଏସଆଇ ତୁଷାରକାନ୍ତ ନାୟକ ଓ ହୋମଗାର୍ଡ ପ୍ରଶାନ୍ତ କୁମାର ସୁନ୍ଦରରାୟ ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଏକ ମାମଲାରେ ଅଭିଯୋଗକାରୀଙ୍କୁ ସାହାଯ୍ୟ କରିବା ଓ ଏହି ମାମଲାର ତଦନ୍ତ କରୁଥିବା ଶ୍ରୀ ନାୟକଙ୍କ ପକ୍ଷରୁ ଦାବି ହୋଇଥିବା ୧୦ହଜାର ଟଙ୍କାକୁ ଜବତ କରିଛି ଭିଜିଲାନ୍ସ । ପୂର୍ବ ଯୋଜନା ମୁତାବକ ଲାଂଚ ଟଙ୍କା ନେବା ବେଳେ ତାଙ୍କୁ ମାଡିବସିଛି ଭିଜିଲାନ୍ସ । ତାଙ୍କ ଠାରୁ ସଂପୂର୍ଣ୍ଣ ଟଙ୍କା ଜବତ ଓ ଉଦ୍ଧାର କରାଯାଇଛି। ଏହାପରେ ଆୟ ବହିର୍ଭୂତ ସଂପତି ଠୁଳ କରିବା ଅଭିଯୋଗରେ ତାଙ୍କର ଦୁଇଟି ଠିକଣାରେ ଭିଜିଲାନ୍ସ ଚଢାଉ କରିଛି ।

# ପ୍ରାକ ମୌସମୀ ବର୍ଷା ପ୍ରଭାବରୁ ଅମଳ ଧାନର ସୁରକ୍ଷା ପାଇଁ ମଣ୍ଡି ଗୁଡିକରେ ପଲିଥିନ ରଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଚଳିତ ରବି ଋତୁରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ଅଦିନିଆ ବର୍ଷା ହେଉଥିବା ବେଳେ ଖୁବଶିଘ୍ର ପ୍ରାକ ମୌସମୀ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗର ଆକଳନକୁ ଦୃଷ୍ଟିରେ ରଖି ମଣ୍ଡିରେ ଧାନ ସୁରକ୍ଷା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଏସମ୍ପର୍କରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ସମବାୟ ସମିତି ସମୁହ ନିବନ୍ଧକ ଶ୍ରୀ ସିଦ୍ଧାର୍ଥ ଦାସଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ପୃକ୍ତ ଜିଲ୍ଲା ଯୋଗାଣ ଅଧିକାରୀ, ସମବାୟ ସମିତି ଉପ ନିବନ୍ଧକ ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ବର୍ଷାକୁ ଦୃଷ୍ଟିରେ ରଖି ଧାନକିଣା ପ୍ରକ୍ରିୟାକୁ ଚାଲୁ ରଖିବା ସହିତ ଅମଳ ଧାନର ସୁରକ୍ଷା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆବଶ୍ୟକୀୟ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ଚାଷୀମାନଙ୍କୁ ଆଗୁଆ ସଚେତନ କରାଯିବା ସହ ପାଣିପାଗ ସଂପର୍କରେ ସୂଚନା ଦିଆଯାଇଛି । ଏଥି ନିମନ୍ତେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି । ମଣ୍ଡିରେ ଗଚ୍ଛିତ ଥିବା ଧାନଗୁଡ଼ିକୁ ଘୋଡେଇ ରଖିବା ନିମନ୍ତେ ଆବଶ୍ୟକ ପଲିଥିନ୍ ଯୋଗାଇଦେବା ପାଇଁ ପରାମର୍ଶ ଦିଆଯାଇଛି। ଏଥି ସହ ଅଗ୍ରାଧିକାର ଭିତିରେ ଧାନ ଉଠାଣ ପାଇଁ ମିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାନଗୁଡ଼ିକର ସଂରକ୍ଷଣ ଏବଂ ବର୍ଷାରୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀମାନଙ୍କ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି । ଧାନ ରଖା ଯାଇଥିବା ସ୍ଥାନର ଚାରି ପାଖରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ଓ ଉପଯୁକ୍ତ ସୁରକ୍ଷା ଥିବା ଗାଡି ମାଧ୍ୟମରେ ଧାନ ପରିବହନ କରିବାକୁ ମଧ୍ୟ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରାଯାଇଛି । ଏତଦବ୍ୟତୀତ ପାଣିପାଗ ଉପରେ ନଜର ରଖାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ଏତଦବ୍ୟତୀତ ପ୍ରତ୍ୟେକ ମଣ୍ଡିରେ ଅସ୍ଥାୟୀ ଆଶ୍ରୟସ୍ଥଳ, ପାନୀୟ ଜଳ, ଓ଼ଆରଏସ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବାକୁ ଶ୍ରୀ ଚକ୍ରବର୍ତୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ମଣ୍ଡିରେ ସିସିଟିଭି ମାଧ୍ୟମରେ ତୀକ୍ଷଣ ନଜର ରଖାଯିବା ସହ ମଣ୍ଡିରୁ ମିଲକୁ ଯାଉଥିବା ଧାନ ଗୁଡିକ ଉପରେ ମଧ ସ୍ୱତନ୍ତ୍ର ଧାନ ରଖିବା ପାଇଁ ବୈଠକରେ ଆଲୋଚନା ହୋଇଛି । ଉକ୍ତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ବଣ୍ଟନ ସାଧାରଣ ପରିଚାଳକ ଶ୍ରୀ ସୁଧାକର ଶବର, ଧାନ ସଂଗ୍ରହ ସାଧାରଣ ପରିଚାଳକ ଶ୍ରୀମତୀ ଏଲୋରା ସାମଲ, ପ୍ରଶାସନିକ ସାଧାରଣ ପରିଚାଳକ ଶ୍ରୀମତୀ ପ୍ରଣତି ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀଙ୍କ ମଧ ପ୍ରାଚ୍ୟ ରାଷ୍ଟ୍ର ଗସ୍ତ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଆତଙ୍କବାଦ ବିରୋଧରେ ଭାରତର ଶୂନ୍ୟ ସହନଶୀଳତା ନୀତି ଓ ଅପରେସନ ସିନ୍ଦୁରର ସଫଳତା ସମ୍ପର୍କରେ ବିଶ୍ୱ ସମୁଦାୟକୁ ଅବଗତ କରାଇବା ପାଇଁ ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଆଜି ମଧ ପ୍ରାଚ୍ୟ ରାଷ୍ଟ୍ର ବାହାରିନରେ ପହଂଚିଛନ୍ତି। ଆଜି ପୂର୍ବାହ୍ନରେ ବାହାରିନରେ ପହଂଚିବା ପରେ ରାଷ୍ଟ୍ରଦୂତ ବିନୋଦ କେ ଯାକୋବ ପ୍ରତିନିଧି ମଣ୍ଡଳୀକୁ ସ୍ୱାଗତ କରିଥିଲେ। ପରେ ବାହାରିନର ଶୀର୍ଷ ନେତୃତ୍ୱଙ୍କ ସହ ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ଓ ଅପରେସନ ସିନ୍ଦୂରର ସଫଳତା ବିଷୟରେ ଅବଗତ କରାଇଛନ୍ତି। ପାକିସ୍ତାନ ଜମ୍ମୁ କାଶ୍ମୀରରେ ଶାନ୍ତି ଓ ବିକାଶରେ ବାଧା ଉତ୍ପନ୍ନ ପାଇଁ ପହଲଗାମ ଆକ୍ରମଣର ଷଡ଼ଯନ୍ତ୍ର ପ୍ରସ୍ତୁତ କରିଥିଲା। ଭାରତ ଏହାର ଉଚିତ ଜବାବ ଅପରେସନ ସିନ୍ଦୂର ମାଧ୍ୟମରେ ଦେଇଛି। ଭାରତ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇଛି ବୋଲି ବାହାରିନର ଶୀର୍ଷ ନେତୃତ୍ୱଙ୍କୁ ଅବଗତ କରାଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ବାହାରିନ ପରେ ସାଉଦି ଆରବ, କୁଏତ୍ତ ଓ ଆଲଜେରିଆ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ଏବଂ ଏହି ପ୍ରତିନିଧି ମଣ୍ଡଳୀରେ ଶ୍ରୀ ପଣ୍ଡାଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଗୁଲାମ ନବୀ ଆଜାଦ, ସାଂସଦ ଅସଦୁଦ୍ଦିନ ଓୱେସୀ, ସତନାମ ସାନ୍ଧୁ, ନିଶିକାନ୍ତ ଦୁବେ, ରେଖା ଶର୍ମା, ପୂର୍ବତନ ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ପ୍ରମୁଖ ସାମିଲ ଅଛନ୍ତି।

# ହୃଦାନନ୍ଦ ପୃଷ୍ଟିଙ୍କ 'ଥ୍ରେଡ୍‌ସ୍ ଅଫ୍ ୱିସ୍‌ଡମ୍-ୟୁଥ୍‌ସ ପର୍‌ସ୍ପେକ୍ଟିଭ୍ ଅନ୍ ଲାଇଫ୍' ଉନ୍ମୋଚିତ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଯୁବ ସାମାଜିକ ପରିବର୍ତ୍ତନ ପ୍ରଣେତା ତଥା ଯୁବ ଲେଖକ ହୃଦାନନ୍ଦ ପୃଷ୍ଟିଙ୍କ ଦ୍ୱାରା ଲିଖିତ ପ୍ରେରଣାଦାୟୀ ପୁସ୍ତକ 'ଥ୍ରେଡ୍‌ସ୍ ଅଫ୍ ୱିସ୍‌ଡମ୍ – ଏ ୟୁଥ୍‌ସ ପର୍‌ସ୍ପେକ୍ଟିଭ୍ ଅନ୍ ଲାଇଫ୍' ନୂଆଦିଲ୍ଲିସ୍ଥିତ ଇନ୍ଦିରା ଗାନ୍ଧୀ ଦିଲ୍ଲୀ ମହିଳା ବୈଷୟିକ ବିଶ୍ୱବିଦ୍ୟାଳୟ (ଆଜିଟିୟୁଡବ୍ଲ୍ୟୁ) ଅଡିଟୋରିୟମ ପରିସରରେ ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁଡୁଚେରୀର ପୂର୍ବତନ ଲେଫ୍ଟନାଣ୍ଟ ଗଭର୍ନର ତଥା ବିଶିଷ୍ଟ ଲେଖିକା ଡଃ କିରଣ ବେଦୀ, ୟୁପିଏସ୍‌ସି ପୂର୍ବତନ ଅଧକ୍ଷ ପ୍ରୀତି ସୁଦାନ, ଅବସରପ୍ରାପ୍ତ ଆଇଏଫ୍‌ଏସ୍ ତଥା ବିଶିଷ୍ଟ କବି ଅମରେନ୍ଦ୍ର ଖଟୁଆ, ନୂଆଦିଲ୍ଲୀ ଓଡିଆ ସମାଜ ସଭାପତି ସିଦ୍ଧାର୍ଥ ପ୍ରଧାନ, ଆଜିଟିୟୁଡବ୍ଲ୍ୟୁ କୁଳପତି ପ୍ରଫେସର ରଞ୍ଜନା ଝା ପ୍ରମୁଖ ଉପସ୍ଥିତ ଥିଲେ। ମୂଲ୍ୟବୋଧ ସମ୍ପନ୍ନ ଜୀବନଯାପନ ମାଧ୍ୟମରେ ଯୁବପିଢିଙ୍କୁ ସଶକ୍ତ କରିବା ପାଇଁ ଲେଖକଙ୍କ ଦୃଷ୍ଟିକୋଣ ଏବଂ ପ୍ରତିବଦ୍ଧତାକୁ ଅତିଥିମାନେ ପ୍ରଶଂସା କରିଥିଲେ। 'ଥ୍ରେଡ୍‌ସ୍ ଅଫ୍ ୱିସ୍‌ଡମ୍ – ଏ ୟୁଥ୍‌ସ ପର୍‌ସ୍ପେକ୍ଟିଭ୍ ଅନ୍ ଲାଇଫ୍' କେବଳ ଏକ ପୁସ୍ତକ ନୁହେଁ – ଏହା ଆଜିର ଜଟିଳ ଦୁନିଆରେ ସ୍ୱଚ୍ଛତା, ଉଦ୍ଦେଶ୍ୟ ଏବଂ ପରିପୂର୍ଣ୍ଣତା ଖୋଜୁଥିବା ଯୁବ ମନ ପାଇଁ ଏକ ଆଲୋକବର୍ତ୍ତିକା । ଏହା ଆତ୍ମ- ବିକାଶ, ସହାନୁଭୂତି ଏବଂ ପ୍ରକୃତ ଖୁସି ଉପରେ ଗଭୀର ପ୍ରତିଫଳନ ପ୍ରଦାନ କରିବ, ଏଥିସହ ଯୁବପିଢିଙ୍କୁ ସ୍ୱାଧୀନ ମୂଲ୍ୟବୋଧରେ ବଞ୍ଚିବା ଏବଂ ଅର୍ଥପୂର୍ଣ୍ଣ ସେବାର ଜୀବନକୁ ଗ୍ରହଣ କରିବାକୁ ଉତ୍ସାହିତ କରିବ। ଏହି ପୁସ୍ତକର ପ୍ରତେ÷କ ପୃଷ୍ଠାରେ ଏକ କାଳଜୟୀ ସତ୍ୟ 'ପ୍ରକୃତ ଖୁସି ଭିତରୁ ଆସେ' ଉକ୍ତିଟି ପ୍ରତିଫଳିତ ହେଉଛି, ଯାହା ପାଠକଙ୍କୁ ଅନ୍ତର୍ନିହିତ ଆନନ୍ଦ ଓ ଆତ୍ମ ଅନ୍ୱେଷଣ ପାଇଁ ପ୍ରେରିତ କରିବ।

# ପ୍ରଥମ ମହିଳା କୈନ୍ଦ୍ରିକ ଇନ୍‌କ୍ୟୁବେସନ ସେଣ୍ଟର ଶିପ୍ରେନ୍ୟୁୟର୍ସର ଆରମ୍ଭ ଏବଂ ଅସ୍ମିତା ପୁରସ୍କାର ପ୍ରଦାନ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ମହିଳା ଉଦ୍ୟୋଗୀଙ୍କୁ ଉତ୍ସାହିତ କରିବା ଅବସରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଶିପ୍ରେନ୍ୟୁୟର୍ସକୁ ଓଡ଼ିଶାର ପ୍ରଥମ ମହିଳା କେନ୍ଦ୍ରିକ ଇନକ୍ୟୁବେସନ ସେଣ୍ଟର ଭାବରେ ଆରମ୍ଭ କରାଯାଇଛି। ଆରିକେଥ ଫାଉଣ୍ଡେସନ ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରୟାସ ଆଇପିଡିଜି ରୋଟାରିଆନ୍ ଜୟଶ୍ରୀ ମହାନ୍ତି ଏବଂ ଉଦ୍ୟୋଗୀ, ନବସୃଜନକାରୀ ଓ ଚିକିତ୍ସା ବୃତ୍ତିଧାରୀ ଡକ୍ଟର ଲିଟା ମହାପାତ୍ରଙ୍କ ମାର୍ଗଦର୍ଶନରେ ସୁପରିଚାଳିତ ହୋଇଛି। ଏକ ସହାୟକ ଇକୋସିଷ୍ଟମ ସୃଷ୍ଟି କରାଯାଇ ମହିଳା ଉଦ୍ୟୋଗୀମାନଙ୍କୁ ସଶକ୍ତ କରାଇବା ସହ ସେମାନଙ୍କର ଚିନ୍ତାଧାରାକୁ ବାସ୍ତବତାର ରୂପ ଦେବା ହେଉଛି ଏହାର ମୂଳ ଲକ୍ଷ୍ୟ। ମହିଳାମାନଙ୍କୁ ବ୍ୟାପକ ଭିତ୍ତିଭୂମି ଓ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ଶିପ୍ରେନ୍ୟୁୟର୍ସକୁ ଡିଜାଇନ୍ କରାଯାଇଛି। ଏହି କେନ୍ଦ୍ର ନୂତନ ଉଦ୍ୟୋଗୀମାନଙ୍କ ପାଇଁ କର୍ମଶାଳା ଓ ନେଟ୍‌ୱାର୍କିଂ ସୁଯୋଗ ପ୍ରଦାନ କରିବା ସହ ଅଭିଜ୍ଞ ପରାମର୍ଶଦାତା ଓ ଶିଳ୍ପ ବିଶେଷଜ୍ଞଙ୍କ ସହିତ ମହିଳାମାନଙ୍କର ଭାବାନୁପ୍ରଦାନ ଦ୍ୱାରା ସେମାନଙ୍କର ସ୍ୱପ୍ନ ଓ ଏହାକୁ ସାକାର କରିବାର ଦୁରତ୍ୱକୁ କମ୍ କରିଥାଏ। ଏଥିରେ କେବଳ ବ୍ୟବସାୟ ବିକାଶ ଉପରେ ନୁହେଁ ବରଂ ବ୍ୟକ୍ତିଗତ ଅଭିବୃଦ୍ଧି ଉପରେ ଧ୍ୟାନ ଦିଆଯାଇଛି ଏବଂ ପ୍ରତିଯୋଗିତାମୂଳକ ବ୍ୟବସାୟରେ ଉନ୍ନତି ପାଇଁ ମହିଳାମାନଙ୍କର ଆବଶ୍ୟକ ଦକ୍ଷତା ଓ ଆତ୍ମବିଶ୍ୱାସ ଉପରେ ପ୍ରାଧାନ୍ୟ ଦିଆଯାଇଛି। ଆରିକେଥ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଅସ୍ମିତା ପୁରସ୍କାର ୨୦୨୫ ନବସୃଜନ ଓ ଉଦ୍ୟୋଗ କ୍ଷେତ୍ରରେ ଏକ ଐତିହାସିକ କାର୍ଯ୍ୟକ୍ରମ ରୂପେ ପରିଗଣିତ ହୋଇଛି। ଓ- ହବ୍ ଷ୍ଟାର୍ଟଅପ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମାନଜନକ ସମାରୋହର ଲକ୍ଷ୍ୟ ହେଉଛି ଓଡ଼ିଶାର ଉଦ୍ୟୋଗୀ ଇକୋସିଷ୍ଟମରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଓ ସଂମାନ ଦେବା। ଏଥିରେ ରୋଟାରୀ ଇଣ୍ଟରନ୍ୟାସନାଲ ୩୨୬୨ ଆୟୋଜକ ଭାବେ କାର୍ଯ୍ୟ କରିଛି। ଏହି କାର୍ଯ୍ୟକ୍ରମରେ ରୋଟାରିଆନ୍ ଯାଗ୍ନେଶିଷ ମହାପାତ୍ର, ଫ୍ୟାସନ ଡିଜାଇନର ସବ୍ୟସାଚୀ ଶତପଥି, ଆଇପିଡିଜି ରୋଟାରିଆନ୍ ଜୟଶ୍ରୀ ମହାନ୍ତି, ଡ.ଲିଟା ମହାପାତ୍ର ଏବଂ ରୋଟାରିଆନ୍ ଅନିଲ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଅସ୍ମିତା ପୁରସ୍କାର ଷ୍ଟାର୍ଟଅପ୍ ଏବଂ ନିଜ ନିଜ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଗତି କରିଥିବା ବ୍ୟକ୍ତିବିଶେଷଙ୍କ ସଫଳତାକୁ ପାଳନ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରୁଅଛି। ଏଏସିସିଆଇ ଓଡ଼ିଶା, ଇଭୋସ ବିଲ୍ଡକନ, କଳିଙ୍ଗ ହସ୍ପିଟାଲ ଏବଂ ନାଲକୋ ଭଳି ସଙ୍ଗଠନ ଏହାକୁ ସମ ର୍ଥନ କରିଥାଆନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସମ୍ମାନ ଅର୍ଜନ କରିଥିବା ମହିଳାମାନଙ୍କୁ ଅସ୍ମିତା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ପ୍ରିୟଙ୍କା ମହାନ୍ତି ଫାଲକନ ଗ୍ରୁପ (ଉଦ୍ୟୋଗ), ସୃଜନିକା ମିଶ୍ର ଇଭୋସ ବିଲ୍ଡକନ(ରିଅଲ ଇଷ୍ଟେଟ), ସୋନାଲ ସାହୁ ଲାଇଫି ହୋଟେଲ(ହସ୍ପିଟାଲଟି), ନମ୍ରତା ରାୟ ଭିନ୍ସି (ଷ୍ଟାର୍ଟଅପ), ନୀଳିମା ମିଶ୍ର(ଷ୍ଟାର୍ଟଅପ୍- ସିବା ଗ୍ରୀନ୍ ସଲ୍ୟୁସନ୍ସ), ଅରୁନ୍ଧତୀ ମହାପାତ୍ର, ପ୍ରଖ୍ୟାତ ଗାୟିକା (ମନୋରଞ୍ଜନ), ସୁସ୍ମିତା ମହାନ୍ତି, ମେଟ୍ରୋ ଟିଭି (ମିଡ଼ିଆ),ମେଜର କଳ୍ପନା ଦାସ, ଫିଲାଥ୍ରୋପିଷ୍ଟ(ଶାନ୍ତି), ସୁଧା ମିଶ୍ର ଲିଟିଲ ଷ୍ଟେପ ପ୍ରି ସ୍କୁଲ(ଶିକ୍ଷା), ପ୍ରୀତି କାଉଣ୍ଟିଆ ଅଗ୍ରୱାଲ ଇନଲାଇନ କଣ୍ଟ୍ରୋଲ୍ସ ଏବଂ ଇକ୍ୟୁପମେଣ୍ଟସ( ନିର୍ମାଣ), ହିମାଂଶୁବାଳା ସୁପର କ୍ଲୋଜର ଇଣ୍ଡିଆ(ଏମ୍‌ଏସଏମଇ), ରୁହିନା ପ୍ରିୟଦର୍ଶିନୀ ମାନସିକ ସ୍ୱାସ୍ଥ୍ୟ ପରାମର୍ଶ (ପାଠପଢ଼ା), ଧରିତ୍ରୀ ଶତପଥି ସହାୟକ ପିଆରଓ ଆଇଆଇଟି ଭୁବନେଶ୍ୱର (କର୍ପୋରେଟ୍) ଆଦି ଅନ୍ତର୍ଭୁକ୍ତ ଥିଲେ। ୧୫ରୁ ୨୫ ବର୍ଷ ବୟସର ଝିଅମାନଙ୍କ ପାଇଁ ଅସ୍ମିତା ପ୍ରମିଜିଂ ପର୍ସନାଲିଟି ପୁରସ୍କାର ଫ୍ଲାପସିପ୍ଟିଲ ଅଧୀନରେ ଅସ୍ମିତା ପୁରସ୍କାରର ଏକ ସ୍ୱତବ ବର୍ଗ ମିଳିଥିଲା। ଲେସା ମହାପାତ୍ର ଏଲ ଆଣ୍ଡ ଏଲ ଗ୍ରୁଫ ଅଫ କମ୍ପାନିଜ(ସ୍ୱାସ୍ଥ୍ୟ ଏବଂ ସୁସ୍ଥତା), ତେଜଲ ମହାନ୍ତି ଲୁମିନାସ ଇନଫୋୱେଜ(ସୂଚନା ଓ ପ୍ରଯୁକ୍ତି ବିଦ୍ୟା), ରିଷିତା ସାମନ୍ତରାୟ( ଉତ୍ପାଦନ), ଶ୍ରେୟାନବି ଜୋସି( ମନୋରଞ୍ଜନ), ହର୍ଷିତା ଶାହ (ଫିଲାଥ୍ରୋପି) ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଅସ୍ମିତା ପୁରସ୍କାର ୨୦୨୫ ପ୍ରେରଣାଦାୟକ କାହାଣୀ, ନେଟ୍‌ୱାର୍କିଂ ସୁଯୋଗ ଏବଂ ସୃଜନଶୀଳତାର ଏକ ଆକର୍ଷଣୀୟ ସନ୍ଧ୍ୟା ହୋଇପାରିଛି।

# ଗଙ୍ଗୁଆନାଳ ଓ ଦୟା ପଶ୍ଚିମ କେନାଲ ପରିଦର୍ଶନ କଲେ ପ୍ରମୁଖ ସଚିବ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ସହରାଞ୍ଚଳ ବନ୍ୟା ଆହ୍ୱାନର ମୁକାବିଲା କରିବା ଏବଂ ଭୁବନେଶ୍ୱରରେ ଜଳାଶୟଗୁଡ଼ିକର ସ୍ଥାୟୀ ପରିଚାଳନାକୁ ସୁଦୃଢ଼ କରିବା ଲାଗି ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଭୁବନେଶ୍ୱର ମହାନଗର ନିଗମ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅଧୀନରେ ଥିବା ଗାଙ୍ଗୁଆନାଳ ଏବଂ ଦୟା ପଶ୍ଚିମ କେନାଲ ଅଂଚଳକୁ ପରିଦର୍ଶନ କରିଥିଲେ।ତାଙ୍କ ସହିତ ବି. ଏମ୍. ସି. କମିଶନର ରାଜେଶ ପ୍ରବାକର ପାଟିଲ, ବି. ଡି. ଏ. ଉପାଧକ୍ଷ ଡ. ଏନ୍. ତିରୁମାଲା ନାୟକ, ଅତିରିକ୍ତ ସଚିବ ଶତ୍ରୁଘ୍ନ କର ଏବଂ ବି. ଏମ୍. ସି. ଏବଂ ବି. ଡି. ଏ. ର ବରିଷ୍ଠ ଯନ୍ତ୍ରୀଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।ସହରର ଜଳ ପରିଚାଳନା ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଗୁରୁତ୍ୱପୂର୍ଣ୍ଣ ଜଳ ନିଷ୍କାସନ ଚ୍ୟାନେଲ ଏବଂ ସମ୍ପୃକ୍ତ ଜଳାଶୟଗୁଡ଼ିକର ସ୍ଥିତିକୁ ଆକଳନ କରିବା ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ଏହି ଚ୍ୟାନେଲଗୁଡ଼ିକର ପ୍ରାକୃତିକ ପ୍ରବାହକୁ ସହଜ କରିବା, ଅବରୋଧମୁକ୍ତ କରିବା ଏବଂ ପୁନରୁଦ୍ଧାର କରିବା ପାଇଁ ତୁରନ୍ତ ଏବଂ ଦୀର୍ଘକାଳୀନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏହି ଦଳ ଜବରଦଖଲ ସମସ୍ୟା, ଢାଞ୍ଚାଗତ ପ୍ରତିବନ୍ଧକ ଏବଂ ଏହି ସହରାଞ୍ଚଳ ଜଳସ୍ରୋତର ଜଳ ପରିବହନ କ୍ଷମତା ଏବଂ ପରିବେଶ ସନ୍ତୁଳନ ପାଇଁ ସମନ୍ୱିତ ଯୋଜନାର ଆବଶ୍ୟକତା ଉପରେ ମଧ ସମୀକ୍ଷା କରିଥିଲେ। ଶ୍ରୀମତି. ପାଢ଼ୀ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ଗୋଷ୍ଠି ଯୋଗଦାନ ମାଧ୍ୟମରେ ପରିବେଶ ପୁନରୁଦ୍ଧାର ଏବଂ ଜଳ ନିଷ୍କାସନ ସମସ୍ୟାକୁ ମିଳିତ ଭାବେ ସମାଧାନ କରିଥାଏ। ସେ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ସହିତ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ଷେତ୍ର ଗସ୍ତ ସକ୍ରିୟ ପ୍ରଶାସନ, ପରିବେଶ ପରିଚାଳନା ଏବଂ ସମାବେଶୀ ସହରାଞ୍ଚଳ ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି।

## ନିଆଳିରେ ଅନୁଷ୍ଠିତ ହେଲା 'ପରାକ୍ରମ ଶୋଭାଯାତ୍ରା'




**ନିଆଳି,(ଡିକେ ନ୍ୟୁଜ୍):** ଜାମ୍ମୁ କାଶ୍ମୀର ପହଲଗାମରେ ୨୨ ଏପ୍ରିଲରେ ପାକିସ୍ତାନ ଆତଙ୍କବାଦୀ ମାନଙ୍କ ପକ୍ଷରୁ ନୀରିହ ୨୬ଜଣ ଭାରତୀୟ ପର୍ଯ୍ୟଟକଙ୍କୁ ଗୁଳିମାଡ଼ ଘଟଣାରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଥିବା ବେଳେ, ୭ମେ ରେ ଏହାର ପ୍ରତିଶୋଧ ଭାରତୀୟ ସେନା ନେବା ସହ 'ଅପରେସନ ସିନ୍ଦୂର' ନାମକରଣ ରଖାଯାଇଥିଲା। ଭାରତୀୟ ସେନାର ଅସୀମ ସାହସ, ଧୈର୍ଯ୍ୟ ଓ ପରାକ୍ରମକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଗତକାଲି ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ କଟକ ଜିଲ୍ଲା ନିଆଳି ସ୍ଥିତ ବଙ୍ଗାଳୀ ସାହି ଛକ ପରିସରରୁ ଶୋଭାଯାତ୍ରା ବାହାରି ନିଆଳି ବଜାର ପରିକ୍ରମା କରିବା ପରେ ବ୍ଲକ ନିକଟରେ ଶେଷ ହେଇଥିଲା। ନିଆଳି ବ୍ଲକରେ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ଛବି ମଲ୍ଲିକ, କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ବିଜେପି ନେତା ଶଶୀ କାନ୍ତ ଲେଙ୍କା, ସଂଯୋଜକ ତ୍ରିଲୋଚନ ବେହେରା, ନିଆଳି ମଣ୍ଡଳ ସଭାପତି ନବଘନ ସ୍ୱାଇଁ ଆଦି ପୁଷ୍ପ ମାଲ୍ୟା ଅର୍ପଣ କରିଥିଲେ। ସେହିପରି ଅନ୍ୟ ମାନଙ୍କ ମଧ୍ୟରେ କପାଶି ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ଲେଙ୍କା, ସରପଞ୍ଚ ସୌମ୍ୟା ରଞ୍ଜନ ନାୟକ, ମନୋଜ ସିଂଙ୍କ ସହ ଶହେରୁ ଉର୍ଦ୍ଧ ମହିଳା ଓ ପୁରୁଷ ହାତରେ ଜାତୀୟ ପତକା ଧରି ଏହି ଶୋଭାଯାତ୍ରାରେ ସାମିଲ୍ ହେଇଥିଲେ।

## ଶ୍ରୀଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି



**କେନ୍ଦୁଝର,(ଡିକେ ନ୍ୟୁଜ୍):** କେନ୍ଦୁଝରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଦରବାର ହଲଠାରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସିଂହ ଉଦ୍‌ବୋଧନ ଦେଇ ସମସ୍ତେ ଆଗାମୀ ରଥଯାତ୍ରାକୁ ଆନନ୍ଦ ଉଲ୍ଲାସର ସହ ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ କରିଥିଲେ। ରଥ ନିର୍ମାଣ ସହିତ ରଥଯାତ୍ରା ସହିତ ଜଡିତ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମ ଯେପରି ସଠିକ୍ ଭାବେ ପରିଚାଳିତ ହେବ ସେଥିପାଇଁ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସହଯୋଗ କାମନା କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଙ୍କ ପବିତ୍ର ରଥଯାତ୍ରା ଜିଲ୍ଲାବାସୀଙ୍କର ଏକ ପ୍ରମୁଖ ପର୍ବ ବୋଲି କହିବା ସହିତ ଏହାର ସୁପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ସେଥିପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବିଶେଷ କରି ଭିଡ ନିୟନ୍ତ୍ରଣ, ଟ୍ରାଫିକ୍ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା, ଶୃଙ୍ଖଳିତ ଭାବେ ରଥଟଣା ପାଇଁ ସୁବ୍ୟବସ୍ଥିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ରଥଯାତ୍ରାର ସୁପରିଚାଳନା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ।ରାଜା ଧନଞ୍ଜୟ ନାରାୟଣ ଭଞ୍ଜଦେଓ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ବୈଠକରେ ଉପସ୍ଥିତ ଥିଲେ। ତତ୍ପରେ ବୈଠକର ଆବାହକ କେନ୍ଦୁଝର ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ ଦେବୋତ୍ତର ଉମାଶଙ୍କର ଦଳାଇ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରି ଚଳିତ ବର୍ଷର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ୧୧ ଜୁନରେ ଦେବସ୍ନାନ ପୂର୍ଣ୍ଣିମା, ୨୬ ଜୁନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥ ଆଜ୍ଞାମାଳ ବିଜେ, ୨୭ ଜୁନ ଶ୍ରୀଗୁଣ୍ଡିଚା ଯାତ୍ରା, ୨୮ ଜୁନ ଦିନ ଗୁଣ୍ଡିଚା ମନ୍ଦିରକୁ ରଥରୁ ଧାଡି ପହଣ୍ଡିରେ ବିଜେ, ୦୧ ଜୁଲାଇରେ ହେରା ପଞ୍ଚମୀ, ୦୪ ଜୁଲାଇରେ ନବମୀର ସନ୍ଧ୍ୟା ଦର୍ଶନ, ୦୫ ଜୁଲାଇରେ ବାହୁଡା ଯାତ୍ରା, ୦୬ ଜୁଲାଇରେ ଠାକୁରଙ୍କ ସୁନାବେଶ, ୦୭ ଜୁଲାଇରେ ଶ୍ରୀମନ୍ଦିର ବିଜେ ସଂପର୍କରେ ସୂଚନା ଦେବା ସହ ବିଭିନ୍ନ ଦିବସରେ ଶ୍ରୀଶ୍ରୀ ବଳଦେବଜୀଉଙ୍କର ବିଭିନ୍ନ ବେଶ ଆଦି କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ କମିଟି ଗଠନ, ରଥ ନିର୍ମାଣ, ରଥ ଦଉଡି ଯୋଗାଣ, ପୂଜା ବ୍ୟବସ୍ଥା ଓ ପହଣ୍ଡି ସେବା, ଆଇନଶୃଙ୍ଖଳା, ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱାସ୍ଥ୍ୟ ଓ ପରିମଳ ସେବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସରବରାହ, ଅବକାରୀ ପଦକ୍ଷେପ, ଅଗ୍ନିଶମ ବ୍ୟବସ୍ଥା, ଉଠାଦୋକାନ ଓ ସରକାରୀ ଷ୍ଟଲ୍ ନିମନ୍ତେ ଭୂମି ଚିହ୍ନଟ ଓ ଆବଣ୍ଟନ, ବଡଦାଣ୍ଡର ପରିଷ୍କାର ଓ ପରିଚ୍ଛନ୍ନତା, ସାଜସଜ୍ଜା ଓ ଆଲୋକ ବ୍ୟବସ୍ଥା, ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଯାତ୍ରୀମାନଙ୍କର ଗମନାଗମନ ବ୍ୟବସ୍ଥା, ପ୍ରସାଦ ବଣ୍ଟନ, ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତାର ମରାମତି ଓ ଉନ୍ନତିକରଣ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା । ମହାପ୍ରଭୁଙ୍କର ରଥଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଅର୍ଥ କମିଟି, ରଥନିର୍ମାଣ ଓ ରଥ ସରଞ୍ଜାମ ତଦାରଖ କମିଟି, ସ୍ୱାସ୍ଥ୍ୟ ଓ ପରିମଳ କମିଟି, ପାନୀୟ ଜଳ ଯୋଗାଣ କମିଟି, ଆଇନଶୃଙ୍ଖଳା/ପାସ୍ ପ୍ରଦାନ କମିଟି, ପୂଜା ନୀତି ତଥା ପହଣ୍ଡିସେବା କମିଟି, ଆଲୋକ ଓ ସାଜସଜ୍ଜା କମିଟି, ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି, ସୁନାବେଶ କମିଟି ଏବଂ ଶାନ୍ତିଶୃଙ୍ଖଳା କମିଟି ଗଠନ ପ୍ରସ୍ତାବ ଗୃହୀତ ହୋଇଥିଲା । ଶ୍ରୀଜୀଉମାନଙ୍କର ସୁନାବେଶ ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏତଦ୍‌ବ୍ୟତୀତ ରଥଯାତ୍ରା ସଂପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ, ପୁରୁଣା ସହର ପାରିପାର୍ଶ୍ୱର ଉନ୍ନତିକରଣ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା ।

## ଅନ୍ତର୍ଜାତୀୟ କଇଁଛ ଦିବସରେ ଅଲିଭ ରିଡ଼ଲେ ସୁରକ୍ଷା ନେଇ ସଚେତନତା



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ବ୍ରହ୍ମପୁର ବିରଳ ଅଲିଭ ରିଡ଼ଲେ କଇଁଛଙ୍କ ସୁରକ୍ଷା ନେଇ ଅନ୍ତର୍ଜାତୀୟ କଇଁଛ ଦିବସରେ ବ୍ରହ୍ମପୁର ସବୁଜ ବାହିନୀ ଦ୍ୱାରା ସୁନାପୁର ବେଳାଭୂମି ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଳାଭୂମିରେ ଅଲିଭ ରିଡ଼ଲେ କଇଁଛଙ୍କ ବାଲୁକା ଶିଳ୍ପ, କାନଭାସ ଚିତ୍ରକଳା, ଫୋଟୋଚିତ୍ର ପ୍ରଦର୍ଶନ ହୋଇଥିଲା। ଯେଉଁଥିରେ ରାଜ୍ୟର ବିଭିନ୍ନ ସଂଗଠନ ତଥା ଚନ୍ଦ୍ରମା ଆର୍ଟ ଫାଉଣ୍ଡେସନ, ଗଂଜାମ ଏକାଡେମୀ ଅଫ ଫାଇନ ଆର୍ଟର ବଛାବଛା ଚିତ୍ରଶିଳ୍ପୀ ମାନେ କାନଭାସ୍ ଚିତ୍ରାଙ୍କନ କରି ପର୍ଯ୍ୟଟକଙ୍କ ମାନଙ୍କ ମନ ଜିଣିଥିଲେ। ସେହିଭଳି ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା କଇଁଛଙ୍କ ବାଲୁକା ଶିଳ୍ପ ସ୍ଥାନ ପାଇଥିବା ବେଳେ ହାଇଦ୍ରାବାଦର ବିଖ୍ୟାତ ଫୋଟୋଗ୍ରାଫର ସତିଶ ଲାଲଙ୍କ ଫୋଟୋଚିତ୍ର ପ୍ରଦର୍ଶିତ ହୋଇଥିଲା ଓ ଷ୍ଟେପ୍ ଓନ୍ ନେଚର୍ ପ୍ରତିଷ୍ଠାତା ସ୍ୱାଧୀନ ସାହୁଙ୍କ ଫଟଚିତ୍ର ପ୍ରଦଶନ ହୋଇଥିଲା। ଏହି ପ୍ରଦର୍ଶନୀ ତଥା ସଚେତନତା କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟ ପର୍ଯ୍ୟଟକଙ୍କୁ ଅଲିଭ ରିଡ଼ଲେଙ୍କ ସୁରକ୍ଷା ବିଷୟରେ ଅବଗତ କରିବା ସହ ବେଳାଭୂମିକୁ ପ୍ଲାଷ୍ଟିକ ପଲିଥିନ ମୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବ୍ରହ୍ମପୁର ଏସ ବି ଆଇ ରିଜିଓନାଲ ମ୍ୟାନେଜର ହରୀକୃଷ୍ଣ ପଣ୍ଡା ଚିତ୍ର କଳାକାରଙ୍କୁ ସମ୍ମାନିତ କରିଥିଲେ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖର ଓ ବ୍ରହ୍ମପୁର ଏସ ପି ଶ୍ରୀ ଶ୍ରବଣ ବିବେକ ପ୍ରଦର୍ଶିତ ଫୋଟୋଚିତ୍ର ବୁଲି ଦେଖିବା ସହ ଏହି ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଫୋଟୋଚିତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମକୁ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିରାମ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସାଗର ପ୍ରସାଦ ପାତ୍ର ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ସଂଗଠନର ସଦସ୍ୟ ଏ ପ୍ରକାଶ, ଅନୀଲ ଚୌଧୁରୀ, ଗଣେଶ ପାଣିଗ୍ରାହୀ, ପ୍ରବୀଣ ନାୟକ, ବାଲାଜୀ ବେହେରା, ପି ବିନୋଦ, ମୁନା ଶତପଥୀ, ଅଜୟ କୁମାର ସାହୁ, ଆକାଶ ରାଉତ୍, ପ୍ରସନ୍ କୁମାର ସ୍ୱାଇଁ, ଦେବାଶିଷ ଆଚାର୍ଯ୍ୟ, ଲିଙ୍ଗରାଜ, ରବି ସାହାଣୀ ପ୍ରମୁଖ ସୋହଯଗ କରୁଥିବା ବେଳେ ଶେଷରେ ସମ୍ପାଦକ ସମସ୍ତ ଅତିଥି ଓ ସଦସ୍ୟ ମାନଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପନ କରିଥଲେ।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷା ଫଳ ପ୍ରକାଶ, ପାସ୍ ହାର ୯୩.୩୨%



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷା ଫଳ ପ୍ରକାଶ। ଶନିବାର ପୂର୍ବାହ୍ନରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ପରୀକ୍ଷା ଫଳ ପୁସ୍ତକ ଉନ୍ମୋଚନ କରିଛନ୍ତି। ସ୍ନାତକ ଶ୍ରେଣୀ କଳା ବିଭାଗରେ ପାସ୍ ହାର ୯୧.୩୧ ପ୍ରତିଶତ ରହିଛି। ବିଜ୍ଞାନରେ ୯୪.୬୫ ପ୍ରତିଶତ ଏବଂ ବାଣିଜ୍ୟରେ ପାସ୍ ହାର ୯୪ ପ୍ରତିଶତ ରହିଛି। ମୋଟାମୋଟି ଭାବେ ବିଶ୍ୱବିଦ୍ୟାଳୟର ପାସ୍ ହାର ୯୩.୩୨ ପ୍ରତିଶତ ରହିଛି। ପଦାର୍ଥ ବିଜ୍ଞାନର ସିବାଙ୍ଗୀ ସୁବୁଦ୍ଧି ୯୩.୫% ନମ୍ବର ରଖି ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ପରୀକ୍ଷା ଫଳ ପୁସ୍ତକ ଉନ୍ମୋଚନ ସମୟରେ କୁଳ ସଚିବ ପାର୍ବତୀ ମଞ୍ଜରୀ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପଦ୍ମିନୀ ସାହୁ, ପରୀକ୍ଷା ନିୟନ୍ତ୍ରକ ଡ. ମନୋଜ ପଟ୍ଟନାୟକ, ଉପ ପରୀକ୍ଷା ନିୟନ୍ତ୍ରକ ଡ. ଉଷାରାଣୀ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଅଦିନିଆ ବର୍ଷାରେ କାଦୁଅମୟ ଗ୍ରାମ୍ୟ ଉନ୍ନୟନ ରାସ୍ତା : ଦୁର୍ଘଟଣାର ଶିକାର ହେଉଛନ୍ତି ପଥଚାରୀ



**ଅସ୍ତରଙ୍ଗ,(ଡିକେ ନ୍ୟୁଜ୍):** ଅସ୍ତରଙ୍ଗ କାକଟପୁର ବର୍ଡ଼ର କୁହାଯାଉଥିବା ଖଣ୍ଡାସାହି କ୍ଲାସ ରୋଡ଼, ଅତିତରେ ଏହି ରାସ୍ତା ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ମାତ୍ର ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାର ନବୀକରଣ କରିବା ସହ ଜିଉଁନ୍ତି ଛକରୁ ଖଣ୍ଡାସାହି ୨ କିଲୋମିଟର ପର୍ଯ୍ୟନ୍ତ ପକ୍କା ପିଚୁ ସଡ଼କ କରିଥିଲେ। ତାଳଦା ଦୀପାଞ୍ଜଳି ବିଜୁ ସେତୁ ପୂର୍ଣ୍ଣାଙ୍ଗ ହେବା ପରେ ଅସ୍ତରଙ୍ଗ କାକଟପୁରକୁ ଆଞ୍ଚଳିକ ଲୋକଙ୍କ ପାଇଁ ଏହି ଗୋଟେ ମାତ୍ର ରାସ୍ତା ସୁବିଧା ଜନକ ଥିଲା। କେବଳ ଆଞ୍ଚଳିକ ନୁହେଁ ବରଂ ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲା ଲୋକ ପ୍ରତ୍ୟକ ଦିନ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ମାତ୍ର ବର୍ତ୍ତମାନ ରାଜ୍ୟ ସରକାରଙ୍କ ସଡ଼କ ଯୋଜନା ଏଠି କାଦୁଅ ଯୋଜନାରେ ପରିବର୍ତ୍ତନ ହେଇଛି। ହଁ ଆଜ୍ଞା ଏ କଥା ଆମେ କହୁନୁ କହୁଛି ଆମ କ୍ୟାମେରା ଆଉ ଶୁଭୁଛି ଯାତ୍ରୀଙ୍କ ସ୍ୱର କାକଟପୁର ଅସ୍ତରଙ୍ଗ ତହସିଲ ଅଧୀନରେ ଥିବା ରାସ୍ତାର ଉଭୟ ପାର୍ଶ୍ୱ ରାଜସ୍ୱ ଅଞ୍ଚଳରୁ ମାଟି ମାଫିଆମାନେ ଏତେ ସକ୍ରିୟ ହେଲେ ଉଦୁଉଦିଆ ଖରାବେଳେ ଆଉ ମଧ୍ୟ ରାତ୍ରରେ ଏଠୁ ବିନା ରାଜସ୍ୱ ରୟାଲଟିରେ ମାଟି ଚୋରା ଚାଲାଣ କଲେ। ଆଉ ଓଭର ଲୋଡ଼ ମାଟି ରାସ୍ତାରେ ଜମା କଲେ। ପରବର୍ତ୍ତୀ ଅବସ୍ଥାରେ ଅଦିନିଆ ବର୍ଷା ଏବେ ରାସ୍ତାକୁ ସମ୍ପୂର୍ଣ୍ଣ କାଦୁଅ ମୟ କରିଦେଇଛି। ଯାହାକି ଫଳରେ ଅନେକ ଦୁର୍ଘଟଣାର ଶିକାର ହେଲେଣି କିନ୍ତୁ ପ୍ରଶାସନ ଏହା ଉପରେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ସ୍ଥାନୀୟ ପ୍ରଶାସନକୁ ତୀବ୍ର ନିନ୍ଦା କରାଯାଇଛି।

## ଅବହେଳିତ ତଥା ନିଃସହାୟ ପିଲାମାନଙ୍କ ଆଧାର ପଞ୍ଜୀକରଣ ଅଭିଯାନ



**ଭଦ୍ରକ,(ଡିକେ ନ୍ୟୁଜ୍):** ରାଷ୍ଟ୍ରୀୟ ଆଇନ୍‌ସେବା ଓ ରାଜ୍ୟ ଆଇନ୍‌ସେବା ପ୍ରାଧୀକରଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ପକ୍ଷରୁ ସାଥୀ ଅଭିଯାନ ମାଧ୍ୟମରେ ନିଃସହାୟ ତଥା ଅବହେଳିତ ପିଲାମାନଙ୍କୁ ଚିହ୍ନଟ ଏବଂ ଆଧାର ପଞ୍ଜୀକରଣ, ଆଇନ୍‌ଗତ ସହାୟତା ପ୍ରଦାନ କରିବା ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ରାଜଗୁରୁ ନିର୍ଦ୍ଦେଶକ୍ରମେ ପୁଣ୍ୟଶ୍ଳୋକ ରଥ, ସଚିବ, ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ, ଭଦ୍ରକଙ୍କ ତତ୍ତ୍ୱାବଧାନରେ ଏକ ସାଥୀ କମିଟି ଗଠନ କରାଯାଇ ସଦସ୍ୟ ରୂପେ ପ୍ୟାନେଲ ଓକିଲ, ପାରାଲିଗାଲ୍ ସ୍ୱେଚ୍ଛାସେବୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, କିଶୋର ପରିଷଦର ପୋଲିସ୍ ଅଧିକାରୀ, ଶିଶୁ ଯତ୍ନ ପ୍ରତିଷ୍ଠାନର ଅଧୀକ୍ଷକ, ଜିଲ୍ଲାର ୭ଟି ତହସିଲଦାରମାନଙ୍କୁ ନେଇ ଏହି ତାଲିମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସାଥୀ ଅଭିଯାନ ପ୍ରକ୍ରିୟାର ମୂଳ ଲକ୍ଷ୍ୟରୂପେ ଯେପରି କୌଣସି ପିଲା ଆଇନ୍‌ଗତ ପରିଚୟ ବା କୌଣସିଟି ଶିଶୁ ଯେପରି ବିନା ପରିଚୟରେ ନରହିବେ ସେ ସଂପର୍କରେ ବିଷଦଭାବେ ଆଲୋଚନା କରାଯାଇଥିଲା । ଯଦି କୌଣସ ନିଃସହାୟ ପିଲାର ଆଇନ୍‌ଗତ ସହାୟତା ତଥା ସରକାରୀ ଯୋଜନାରେ ଅର୍ନ୍ତଭୁକ୍ତ କରାଇବା ନିମିତ୍ତ ସହାୟତା ପାଇଁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକର ସହଯୋଗ କରିବାକୁ ମଧ୍ୟ ସମସ୍ତଙ୍କର ସହଯୋଗ ଲୋଡ଼ା ଯାଉଅଛି ।

## ସମାଜରୁ ବାସନ୍ଦ ଧନୀରାମକୁ ଭେଟିଲେ ଆରଡିସି ଟିମ୍

**ଚନ୍ଦାହାଣ୍ଡି ,(ଡିକେ ନ୍ୟୁଜ୍):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ବେହେରାମୁଣ୍ଡା ପଞ୍ଚାୟତ ଅଧିନ ସାଲେଭଟା ଗ୍ରାମର କୋସଲା ଗୌଡ଼ ସମାଜ ଦ୍ୱାରା ବାସନ୍ଦ ହୋଇ ଥିବା ଧନୀରାମ ଗୌଡ଼ର ପରିବାରକୁ ଆଜି ଦକ୍ଷିଣ ଅଞ୍ଚଳ ରାଜସ୍ୱ ଆୟୋଗର ଉପନିର୍ଦ୍ଦେଶକ ଅଶୋକ କୁମାର ଶତପଥିଙ୍କ ସମେତ ଏକ ଟିମ୍ ଏବଂ ସ୍ଥାନୀୟ ବ୍ଲକ ପ୍ରଶାସନିକ ଟିମ ସମେତ ରାଜସ୍ୱ ବିଭାଗର ଏକ ପ୍ରତିନିଧି ଦଳ ସମାଜରୁ ବିତାଡିତ ହୋଇ ଥିବା ଧନୀରାମ ଗୌଡ଼ ତାଙ୍କ ସ୍ତ୍ରୀ ମଗୁଶିର ଗୌଡ଼କୁ ଭେଟି ସମସ୍ତ ଘଟଣା ବିଷୟରେ ପଚାରି ବୁଝିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରି ଥିଲେ। ଧନୀରାମ ପରିବାର ସମାଜରୁ ବାସନ୍ଦ ଦୁଃଖ ଭୋଗୁ ଥିବା ସହିତ ପ୍ରଶାସନର ଅବହେଳାର ମଧ୍ୟ ଶିକାର ହୋଇ ଥିବା ଆରଡିସି ଟିମର ନଜରକୁ ଆସି ଥିଲା। ଧନୀରାମକୁ ପ୍ରଶାସନ ଦ୍ୱାରା ଆବାସ ଘର ଖଣ୍ଡେ ଯୋଗାଇ ଦିଆ ଯାଇ ନ ଥିବା ସହ ବର୍ତ୍ତମାନ ସୁଧା ତାଙ୍କ ସ୍ତ୍ରୀ ମଗୁଶୁରକୁ ଖାଦ୍ୟ ସୁରକ୍ଷାରେ ସାମିଲ କରାଯାଇ ନ ଥିବାରୁ ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ହୋଇ ଥିବା ନେଇ ଆରଡିସି ଟିମ୍ ଆଗରେ ଅଭିଯୋଗ କରି ଥିଲେ। ଏହାର ତୁରନ୍ତ ବ୍ୟବସ୍ଥା କରିବାକୁ ଜିପିଡିଓ ବାନାମ୍ବର ଦାଶ ଏବଂ ପିଇଓ ପ୍ରେମଲାଲ ନାଗେଶକୁ ନିର୍ଦ୍ଦେଶ ଦେଇ ଥିଲେ। କୋସଲା ଗୌଡ଼ ସମାଜ ସଭାପତି ମସ୍ତୁରାମ ବର୍ଗର୍ତ୍ତୀ, ଏବଂ ସମାଜର ମୁଖ୍ୟ କାର୍ଯ୍ୟକର୍ତ୍ତା ମାନଙ୍କୁ ଆରଡିସି ଟିମ୍ ଏହାର ସମାଧାନ ପାଇଁ ଡାକି ଥିଲେ ମଧ୍ୟ ସେମାନେ ନ ଆସିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇ ଥିଲା। ପ୍ରଶାସନ ଏହାର ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି। ପ୍ରକାଶ ଥାଉକି ସାଲେଭଟା ଗ୍ରାମର ଧନୀରାମ ଗୌଡ଼ ଆଜକୁ ୧୪ ବର୍ଷ ତଳେ କଳାହାଣ୍ଡି ଜିଲ୍ଲା ବେହେରା ଗ୍ରାମରୁ ମଗୁଶୁର ସିଂ ନାମ୍ନୀ ଏକ ଦଳିତ ବର୍ଗର ଯୁବତୀକୁ ପ୍ରେମବିବାହ କରି ଥିଲେ। ଦଳିତ ବର୍ଗର ଯୁବତୀକୁ ପ୍ରେମବିବାହ କରି ଥିବାରୁ ଚନ୍ଦାହାଣ୍ଡି କୋସଲା ଗୌଡ଼ ସମାଜ ତାଙ୍କୁ ଏବଂ ପରିବାରକୁ ବାସନ୍ଦ କରିବା ସହ ନିଆଁ ପାଣି ବନ୍ଦ କରି ଥିଲେ। ସମାଜର କିଛି ଗୋଷ୍ଠୀ ଧନୀରାମକୁ ସମର୍ଥନ କରି ସମାଜରେ ମିଶାଇବାକୁ ପ୍ରୟାସ କରି ଥିବା ବେଳେ ସମାଜର ସଭାପତି ମସ୍ତୁରାମ ବର୍ଗର୍ତ୍ତୀ ଏବଂ କିଛି କାର୍ଯ୍ୟକର୍ତ୍ତା ଏହାକୁ ବାରଣ କରିବା ସହ ସମର୍ଥନ କରୁ ଥିବା ସାମାଜିକ ସଦସ୍ୟଙ୍କୁ ୨୦ ହଜାର ଫାଇନ କରିବା ସହ ଲଣ୍ଡା କରି ଥିବା ନେଇ କିଛି ଦଣ୍ଡିତ ହୋଇ ଥିବା ସଦସ୍ୟ ପ୍ରକାଶ କରିଛନ୍ତି । ଏହାକୁ ନେଇ ଧନୀରାମ ନ୍ୟାୟ ପାଇଁ ଥାନା ଦ୍ୱାରସ୍ଥ ହୋଇ ଥିଲେ। ସେଠାରେ ତାଙ୍କୁ ନ୍ୟାୟ ନ ମିଳିବାରୁ କୋର୍ଟର ଦ୍ୱାରସ୍ଥ ହେବା ସହ ମାନବ ଅଧିକାର ଆୟୋଗର ଦ୍ୱାରସ୍ତ ହୋଇଥିବା ନେଇ ସୂଚନା ମିଳିଛି।

## ଶ୍ରୀ ଅନ୍ନ ଅଭିଯାନ ଯୋଜନାରେ ମାଣ୍ଡିଆ ଚାଷ କରି ସ୍ୱାବଲମ୍ବୀ ହେଉଛନ୍ତି ଚାଷୀ



**ଧର୍ମଗଡ,(ଡିକେ ନ୍ୟୁଜ୍):** ପୂର୍ବ ସରକାର ସମୟରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ କରିବା ଉଦ୍ଦେଶ୍ୟରେ ମିଲେଟ ମିଶନ ଯୋଜନା ଆରମ୍ଭ କରିଥିଲେ। ରାଜ୍ୟ ସରକାର ପଟ୍ଟ ପରିବର୍ତ୍ତନ ହେବାପରେ ମିଲେଟ ମିଶନ ନାଁ ପରିବର୍ତ୍ତନ ହୋଇ ଶ୍ରୀ ଅନ୍ନ ଅଭିଯାନ ଯୋଜନାରେ ରୂପାନ୍ତରିତ ହୋଇଛି । ଏହି ଯୋଜନାରେ ରାଜ୍ୟର ପ୍ରତି ବ୍ଲକରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ କରିବା ପାଇଁ ଚାଷୀଙ୍କୁ ମାଣ୍ଡିଆ ଚାଷର ଉପାଦେୟତା ଓ ମାଣ୍ଡିଆରେ ରହିଥିବା ଗୁଣବତ୍ତା ସମ୍ପର୍କରେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବ୍ଲକ କୃଷି ବିଭାଗ ଦ୍ୱାରା ଏହି ଯୋଜନାକୁ ବିଭିନ୍ନ ଏନଜିଓ ସଂସ୍ଥାକୁ ନିୟୋଜିତ କରାଯାଇଛି। କୋକସରା ବ୍ଲକରେ ଦ ହ୍ୟୁମାନ ଡେଭଲପମେଣ୍ଟ ସଂସ୍ଥାକୁ ମାଣ୍ଡିଆ ଚାଷ କରିବା ପାଇଁ ବ୍ଲକର ଚାଷୀଙ୍କୁ ସଚେତନ ଓ ଚାଷ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା, ବଜାର ବ୍ୟବସ୍ଥା ଦାୟିତ୍ୱ ଦିଆଯାଇଛି। ଚଳିତ ୨୫/୨୬ ରବି ଋତୁ ମାଣ୍ଡିଆ ଚାଷ ପାଇଁ ବ୍ଲକର ବଡ଼ ପୋଡ଼ାଗୁଡା, ଗୋତମୁଣ୍ଡା, ମହିମା, କାଉଡୋଳା ଓ ଆମପାଣି ପଞ୍ଚାୟତରେ ୧୫ ହେକ୍ଟର ଚାଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ରହିଥିବା ବେଳେ ୫ ପଞ୍ଚାୟତର ୨୨ ଚାଷୀ ୮ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିଥିବା ସଂସ୍ଥା ପକ୍ଷରୁ ଜଣାପଡ଼ିଛି। ଶୁକ୍ରବାର ଆମପାଣି ପଞ୍ଚାୟତ ଭାଳିଆଯୋର ଗ୍ରାମର ଚାଷୀ ବନସିଂ ଧଙ୍ଗଡା ମାଝୀଙ୍କ ମାଣ୍ଡିଆ ଚାଷଜମିରେ ସଂସ୍ଥା ପକ୍ଷରୁ କ୍ରପ କଟିଂ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂସ୍ଥାର ବିପିସି ସୁରେନ୍ଦ୍ର କୁଏଡ଼, ସିଆରପି ଗୋକୁଳ ଧ. ମାଝୀ, ସୁଶିଲ ଭାଟି, ହେମାଙ୍ଗିନି ହଂସ, ସିଇଓ ଆଭାସ ରଞ୍ଜନ ପାଟ୍ଟଯୋଶୀ ସମେତ ଚାଷୀମାନେ ଉପସ୍ଥିତ ରହିଥିଲେ। ହ୍ୟୁମାନ ଡେଭଲପମେଣ୍ଟ ସଂସ୍ଥା ମାଣ୍ଡିଆ ଚାଷ କରିବା ପାଇଁ ଚାଷୀଙ୍କୁ ସଚେତନ ଓ ଚାଷ ପାଇଁ ପ୍ରୋତ୍ସାହିତ କରୁଥିବା ବେଳେ ଜୟ କୋକସରା ଅର୍ଗାନିକ ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ବଜାର ବ୍ୟବସ୍ଥା ପାଇଁ ବ୍ଲକରେ ନିୟୋଜିତ ରହିଛନ୍ତି।ମାଣ୍ଡିଆ ଚାଷ କରି ରୋଜଗାରକ୍ଷମ ଓ ସ୍ୱାବଲମ୍ବୀ ହୋଇ ପାରିଥିବା ନେଇ ମାଣ୍ଡିଆ ଚାଷ କରିଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

## ବିନା ବିରୋଧିରେ ଅନୁଷ୍ଠିତ ହେଲା ସମିତି ବୈଠକ



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ପାତ୍ରପୁର ପଞ୍ଚାୟତ ସମିତିର ୫ମ ସାଧାରଣ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ୱାଇ. ସଂଯୁକ୍ତାଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ଯୋଗ ଦେଇଥିଲେ। ଉପାଧ୍ୟକ୍ଷ, ବିଡିଓ, ତହସିଲଦାର, ଏ.ଇ.ଇ ପ୍ରମୁଖ ମଞ୍ଚାସିନ ଥିଲେ। ବିଏସ୍ଏସ୍‌ଓ ସେହ୍ନାଶିଷ ପଟ୍ଟନାୟକ ପୂର୍ବ ବିବରଣୀ ପାଠ କରିଥିଲେ। ବୈଠକ ବିରୋଧୀ ଶାସକ ମଧ୍ୟରେ ହୋହାଲ୍ଲାରୁ ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ବିରୋଧୀମାନେ କକ୍ଷ ତ୍ୟାଗ କରିଥିଲେ। ଦିବା ୧୦ଘଣ୍ଟା ସମୟରେ ବୈଠକ ନିମନ୍ତେ ସମସ୍ତ ଅବଗତ କରାଯାଇଥିବା ବେଳେ ଦେଢ ଘଣ୍ଟା ବିଳମ୍ବରେ ବୈଠକ ଆରମ୍ଭ ହୋଇଥିଲା। ବୈଠକରେ ଜୟନ୍ତିପୁର ସମିତି ସଭ୍ୟ ବାଲାଜି ପାଢୀ କୃଷି ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କଲେ ଚାଷୀ ମାନେ ସରକାରୀ ଯୋଜନା ବିଷୟରେ ଅବଗତ ହୋଇଥାନ୍ତା ବୋଲି ପ୍ରକାଶ କରିଥିବା ବେଳେ ସାମନ୍ତିଆପଲ୍ଲୀ ସମିତି ସଭ୍ୟ ଜିବୀକା ମିଶନର ପଞ୍ଚାୟତ ସ୍ତରୀୟ ମହାସଂଘ ପୁର୍ନଃଗଠନ ଉପରେ ପ୍ରଶ୍ନ ରଖିଥିଲେ। ସେହିଭଳି ତଣ୍ଡିପୁର ସମିତି ସଭ୍ୟ ରାମକୃଷ୍ଣ ନାୟକ ମିଶନ ଶକ୍ତି ମହିଳାଙ୍କୁ ଦିଆଯାଉଥିବା ଋଣକୁ ସଠିକ୍ ଭାବରେ ବିନିଯୋଗ କରି ମହିଳାଙ୍କ ଉନ୍ନତି ଦିଗରେ ଦୃଷ୍ଟି ଦେବାକୁ ଦାବି କରିଥିଲେ। ବରଙ୍ଗ ସରପଞ୍ଚ ଭି. ଦେବୀପ୍ରସାଦ ଲଙ୍କା ବିଦ୍ୟାଳୟକୁ ତେଲୁଗୁ ଶିକ୍ଷକ, ବରଙ୍ଗ ପାଣି ଟାଙ୍କୀର ନିର୍ମାଣ, ବରଙ୍ଗକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହୁ ସରପଞ୍ଚ ସମିତି ସଭ୍ୟ ମାନେ ଉପସ୍ଥିତ ରହି ପ୍ରଶ୍ନ କରିଥିବା ବେଳେ ସମସ୍ତ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକ ସମୟରେ ବିଜୁଳି ଚାଲିଯାଇଥିବା ବେଳେ ପଞ୍ଚାୟତ ସମିତି ଜେନେରେଟର୍ କାମ ଦେଇନଥିବା ଯୋଗୁଁ ଅନ୍ଧାରରେ ବୈଠକ ଚାଲିଥିଲା । ଯାହାକୁ ନେଇ ପିଆରଆଇ ମେମ୍ବର ମାନେ କ୍ଷୋଭ ପ୍ରକାଶ କରିଥିଲେ।

## ଶିକାରୀ ଗୁଳିରେ ଫରେଷ୍ଟର ମୃତ



**ଢେଙ୍କାନାଳ,(ଡିକେ ନ୍ୟୁଜ୍):** ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ହିନ୍ଦୋଳ ବନାଞ୍ଚଳରେ କାର୍ଯ୍ୟରତ ଫରେଷ୍ଟର ପ୍ରହଲ୍ଲାଦ ପ୍ରଧାନ ଶିକାରୀଙ୍କୁ ଧରିବାକୁ ଯାଇଥିବା ବେଳେ ଗୁଳି ମାଡ଼ର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ ଗତ ବିଳମ୍ବିତ ରାତିରେ ହିନ୍ଦୋଳ ଥାନା ରାଜମୋହନ ପୁର ନିକଟରେ ଶିକାରୀମାନେ ଥିବା ବନବିଭାଗ ଖବର ପାଇ ସେମାନଙ୍କୁ ଧରିବା ପାଇଁ ଫରେଷ୍ଟର ପ୍ରହଲ୍ଲାଦ ସହିତ ଷ୍ଟାଫମାନେ ଯାଇ ଶିକାରୀ ମାନଙ୍କୁ ଘେରାଉ କରିଥିଲେ।ହଠାତ ଶିକାରୀମାନେ ଗୁଳି ଫୁଟାଇ ଥିଲେ। ଯାହାକି ପ୍ରହଲ୍ଲାଦଙ୍କ ଠାରେ ବାଜିଥିଲା। ପ୍ରହଲ୍ଲାଦଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀମାନେ ପହଞ୍ଚିଥିବାବେଳେ ଢେଙ୍କାନାଳ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ପ୍ରହଲ୍ଲାଦ ପ୍ରଧାନ ୧୬ ବର୍ଷ ଧରି ସମ୍ମାନର ସହିତ ବନ ବିଭାଗରେ ସେବା କରିଥିଲେ। ତାଙ୍କ ସହକର୍ମୀ, ଉପରିସ୍ଥ ଅଧିକାରୀ ଏବଂ ସ୍ଥାନୀୟ ଲୋକମାନଙ୍କ ପ୍ରଶଂସା ଏବଂ ସମ୍ମାନ ଅର୍ଜନ କରିଥିଲେ। ତାଙ୍କୁ ସମ୍ପ୍ରତି ରାଜ୍ୟସ୍ତରୀୟ ବନୀକରଣ ପୁରସ୍କାର, ୨୦୨୫ ରେ ଶ୍ରେଷ୍ଠ ବନ ରକ୍ଷକ ଭାବରେ ସମ୍ମାନିତ କରାଯାଇଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହିତ ମୃତ ପ୍ରହଲ୍ଲାଦ ପ୍ରଧାନଙ୍କ ପରିବାର ପାଇଁ ଅନୁକମ୍ପାମୂଳକ ସହାୟତା ୩୦ଲକ୍ଷ ଟଙ୍କା ଘୋଷଣା କରିଛନ୍ତି।

## ପିକଅପ୍ ଓଲଟି ଜଣେ ମୃତ, ଦୁଇ ଗୁରୁତର




**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ଅଳେଶ୍ୱର ବ୍ରିଜ ନିକଟରେ ଏକ ପିକପ ଓଲଟି ଯିବା ଫଳରେ ତିନିଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ଲାଗି ଗଞ୍ଜାମ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଜଣଙ୍କ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ, ୧୦୮ ଆମ୍ବୁଲାନ୍ସରେ ମେଡ଼ିକାଲ ନେବାର ବ୍ୟବସ୍ଥା କରାଯାଉଥିଲା। ମାତ୍ର ଆମ୍ବୁଲାନ୍ସର ଦୁଇଘଣ୍ଟା ବିଳମ୍ବ ଯୋଗୁ ମେଡିକାଲରେ ଉକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା ଓ ପରେ ଅନ୍ୟ ଗୁରୁତର ଦୁଇଜଣଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ରମ୍ଭା ଥାନା ଅନ୍ତର୍ଗତ ପ୍ରୟାଗି ସ୍ଥିତ ଅଳେଶ୍ୱର ସମୁଦ୍ର ବେଳା ଭୂମିକୁ ବାଲୁଗାଁର ଶାନ୍ତି ନଗର ୧୧ ଜଣ ଯୁବକ ଏକ ପିକପରେ ବୁଲିବାକୁ ଆସିଥିଲେ । ବୁଲାବୁଲି ସାରି ଫେରିବା ବେଳେ ଅ ବ୍ରିଜ ନି ନିକଟରେ ପ୍ରାୟ ଦୁଇଟାରେ ପିକଅପଟି ଭରସାମ୍ୟ ହରାଇ ଓଲଟି ପଡିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ନିକଟରେ ଥିବା ହୁମ୍ମା ମେଡିକାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ନଥିବାରୁ ସଙ୍ଗେ ସଙ୍ଗେ ଗଞ୍ଜାମ ମେଡିକାଲ ଆଣିଥିଲେ। ସେଠାରେ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ୧୦୮ ଆମ୍ବୁଲାନ୍ସକୁ ବାରମ୍ବାର ଫୋନ କରିବା ସତ୍ତ୍ୱେ ଦୁଇଘଣ୍ଟା ପରେ ଆସିବାରୁ ଗଞ୍ଜାମ ମେଡିକାଲରେ ସୁରଜିତ ବିଶ୍ୱାସ (୧୯) ଙ୍କ ମୃତ୍ୟୁ ଘଟିଥିବା ବେଳେ, ଗୁରୁତର ଆହତ ସଂଜିତ ବିଶ୍ୱାସ (୨୧) ଓ ଅର୍ଜୁନ ବିଶ୍ୱାସ (୧୭)କୁ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଥିଲା।

## ବଜ୍ରାଘାତରେ ୨ ବଳଦଙ୍କ ମୃତ୍ୟୁ



**କଲ୍ୟାଣସିଂହପୁର,(ଡିକେ ନ୍ୟୁଜ୍):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତର ନାରାୟଣପୁର ଓ ପଡ଼େଇକାନି ଗ୍ରାମରେ ୨ ବଳଦ ବଜ୍ରାଘାତରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଆଜି ଅପରାହ୍ନ ରେ କାଳବୈଶାଖୀର ତାଣ୍ଡବରେ ପ୍ରବଳ ଘଡଘଡି ସହ ପବନ ବର୍ଷା ହୋଇଥିବାରୁ ଗଛ ମୂଳରେ ଥିବା ନାରାୟଣପୁର ଗ୍ରାମର ଗାଙ୍ଗାନା କାଡ୍ରାକାଙ୍କ ଗୋଟିଏ ବଳଦ ଓ ପଡ଼େଇକାନି ଗ୍ରାମର ରବୀନ୍ଦ୍ର କାଡ୍ରାକାଙ୍କ ଗୋଟିଏ ବଳଦର ମୃତ୍ୟୁ ହୋଇଛି । ଏହାମୂଲ୍ୟ ପ୍ରାୟ ସତୁରୀ ହଜାର ଟଙ୍କା ହେବ ବୋଲି କହିଛନ୍ତି। ଏହାକୁ ନେଇ ପଶୁଚିକିତ୍ସକ ଓ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇ ଥିଲେ। ଘଟଣା ସ୍ଥଳରେ ପଶୁ ଚିକିତ୍ସକ ବୀଚିତ୍ରା ନନ୍ଦ ସାହୁ ପହଞ୍ଚି ବ୍ୟବଚ୍ଛେଦ କରି ପୋତି ଦିଆଯିବ ବୋଲି କହିଛନ୍ତି। ଏହାର ରିପୋଟ ରାଜସ୍ୱ ଅଧିକାରୀ ବା ତହସିଲଦାରଙ୍କୁ ରିପୋଟ ଦେବା ପରେ ସରକାରଙ୍କ ଠାରୁ ଯାହା ସହାୟତା ଆସିବ ସେହିମାନଙ୍କୁ ଯୋଗାଇ ଦିଆଯିବ ବୋଲି ପଶୁ ଚିକିତ୍ସକ କହିଛନ୍ତି ।

## ମୃତ ଡିଏଲଆର କର୍ମଚାରୀଙ୍କ ପରିବାରକୁ ପାରାଦୀପ ପୋର୍ଟ ଡିଏଲଆର ଆସୋସିଏସନର ସହାୟତା



**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦୀପ ବନ୍ଦରରେ ଡିଏଲଆର କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ନୃସିଂହ ଚରଣ ଦାସଙ୍କର ଆକସ୍ମିକ ମୃତ୍ୟୁରେ ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ଓ୍ୱାର୍କମେନ ଆସୋସିଏସନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯିବା ସହ ତାଙ୍କ ଆତ୍ମାର ସଦଗତି ନିମନ୍ତେ ସାମୁହିକ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ନୃସିଂହ ଦାସଙ୍କ ଏକାଦଶ କାର୍ଯ୍ୟରେ ଆସୋସିଏସନର ସଭାପତି ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ଉପସଭାପତି ରତ୍ନାକର ଜେନା, କାର୍ଯ୍ୟକାରୀ ସଭାପତି ପରେଶ ଚନ୍ଦ୍ର ମୁର୍ମୁ, ସଭ୍ୟ ପ୍ରଶାନ୍ତ କୁମାର ମିଶ୍ର, ଧନେଶ୍ୱର ସାହୁ, ଅନନ୍ତ କିଶୋର ମଲ୍ଲିକ, ମନ୍ମଥ କୁମାର ବେହୁରା, ସୁରେନ୍ଦ୍ର ବେହେରା ପ୍ରତାପ କୁମାର ମଲ୍ଲିକ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ନରହରି ସାହୁ, ବାସୁଦେବ ଜେନା ପ୍ରମୁଖ ତାଙ୍କ ଗ୍ରାମ କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଅନ୍ତର୍ଗତ ଜୁଣଗଡି ସ୍ଥିତ ବାସଭବନ ଠାରେ ପହଞ୍ଚି କାର୍ଯ୍ୟକ୍ରମ ରେ ଯୋଗଦେଇ ସଂଘ ପକ୍ଷରୁ ତାଙ୍କ ପତ୍ନୀ ବିଦୁଲତା ଦାସଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ସହାୟତାକୁ ଗ୍ରହଣ କରି ବିଦୁଲତା ଦାସ ଡିଏଲଆର ଆସୋସିଏସନର ସଭାପତି ପ୍ରକାଶ ତ୍ରିପାଠୀ ଓ ସମସ୍ତ ସଭ୍ୟ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

### ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସାମ୍ବାଦିକ ସମ୍ମିଳନୀ

# ଖଣି ମାଫିଆଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କଡା ନିର୍ଦ୍ଦେଶ

**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ବ୍ରହ୍ମପୁର ସର୍କିଟହାଉସ ପରିସରରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସାମ୍ବାଦିକ ସମ୍ମିଳନୀ। ଖଣି ମାଫିଆଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କଡା ନିର୍ଦ୍ଦେଶ ସୁନ୍ଦରଗଡ଼ ଜିଲ୍ଲାର ଖଣି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ। ସୁନ୍ଦରଗଡ଼ ଜିଲାର ହେମଗିରି ଓ କୋଇଡ଼ା ତହସିଲରେ ହୋଇଥିବା ବ୍ୟାପକ ବେଆଇନ ଖଣି ଉତ୍ତୋଳନ ଓ କାରବାରର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିନିମନ୍ତେ ଭିଜିଲାନ୍ସ ପକ୍ଷରୁ ଏକ ଏସ୍ଆଇଟି ଗଠନ କରାଯାଇଛି। ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ବିଭାଗୀୟ ଅଧିକାରୀଙ୍କ ସହ ଉକ୍ତ ବେଆଇନ ଖଣି ଉତ୍ତୋଳନ ସ୍ଥାନକୁ ଗସ୍ତ କରି ଦୀର୍ଘଦିନ ଧରି ଜଙ୍ଗଲ ମଧ୍ୟରେ ଏହି ବେଆଇନ ଖଣି ଖନନ ଓ ଚାଲାଣ ଚାଲିଥିବା ସମ୍ବନ୍ଧିତ ରିପୋର୍ଟ ସଂଗ୍ରହ କରିବା ସହ ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଦୁର୍ନୀତି ବିରୋଧରେ ବିଶେଷକରି ଖଣି ଦୁର୍ନୀତି ସମ୍ପର୍କରେ ସବୁବେଳେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଆସିଛନ୍ତି। ଖଣି ଦୁର୍ନୀତିର ମୂଳୋତ୍ପାଟନ କରାଯିବ ବୋଲି ସେ ବାରମ୍ବାର କହିଆସିଛନ୍ତି । ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ର ଏହି ଖଣି ଦୁର୍ନୀତିର ପର୍ଦ୍ଦାଫାସ୍ କରିବା ପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଛନ୍ତି। ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ଜେନା ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରିବା ସହ ଦୋଷୀ ଯେ କେହି ବି ହୋଇଥାନ୍ତୁ ନା କାହିଁକି ସମସ୍ତଙ୍କୁ ଖୋଜି ବାହାର କରାଯିବା ସହିତ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ସୁନ୍ଦରଗଡ଼ ଜିଲା ହେମଗିରି ତହସିଲରେ ୨୨ଟି ଖଣିରୁ




ବେଆଇନ ଭାବେ ୯୮୪୩ ମେଟ୍ରିକ୍ ଟନ୍‌ରୁ ଅଧିକ ପରିମାଣର କୋଇଲା ଉତ୍ତୋଳନ କରାଯାଇଥିବା ନଜରକୁ ଆସିଛି। ଯାହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ। ଏହି ଖଣିଗୁଡ଼ିକ ମଧ୍ୟରୁ ୧୪ଟି ଖଣି ଗୋପାଳପୁର ଗ୍ରାମରେ, ୩ଟି ରନ୍ତୋରା ଗ୍ରାମରେ ଏବଂ ୫ଟି ଭୋଗରାକଟର ଗ୍ରାମରେ ଅବସ୍ଥିତ। ଏଗୁଡ଼ିକ ମୁଖ୍ୟତଃ ଜଙ୍ଗଲ କିସମର ଜମି। ଏଥିସହିତ ହେମଗିରିର ଜାମଖାନି ସଂରକ୍ଷିତ ଜଙ୍ଗଲ ଏବଂ ଭୋଗରାକଟର ଗ୍ରାମରେ ବେଆଇନ ଭାବେ କୋଇଲା ଗଚ୍ଛିତ କରାଯିବାର ସୂଚନା ମିଳିଛି। ସେହିପରି କୋଇଡ଼ା ତହସିଲ ଅନ୍ତର୍ଗତ ମାଲଦା, ପଟାବେଡ଼ା, ସାନପୁଟୁଳି, କୋଲମଙ୍ଗ ଏବଂ ରୁସିବେଣୁଆଠାରେ ୪୭ଟି ମାଙ୍ଗାନିଜ୍ ଓ ୩ଟି ଲୌହ ଖଣିରୁ ବେଆଇନ ଭାବେ ମାଙ୍ଗାନିଜ୍ ଓ ଲୁହା ପଥର ଉତ୍ତୋଳନ କରାଯାଉଥିବାର ନଜରକୁ ଆସିଛି। ଏହି ମୋଟ ୫୦ଟି ଖଣି ମଧ୍ୟରୁ ୧୬ଟି ପଟାବେଡ଼ା ଗ୍ରାମରେ, ୧୦ଟି ମାଲଦା ଗ୍ରାମରେ, ୨୦ଟି କୋଲମଙ୍ଗ ଗ୍ରାମରେ ଏବଂ ଅବଶିଷ୍ଟ ୪ଟି ସାନପୁଟୁଳି ଓ ରୁସିବେଣୁଆ ଗ୍ରାମରେ ରହିଛି । ଏସବୁ ଖଣିରୁ ୨୦ ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ ମାଙ୍ଗାନିଜ ଓର୍ ଏବଂ ୧୨୦୦ ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ପରିମାଣର ଲୁହାପଥର ବେଆଇନ ଭାବେ ଉତ୍ତୋଳନ କରାଯାଇଛି ଓ ଯାହାର ଆନୁମାନିକ ମୂଲ୍ୟ ୩୭ କୋଟିରୁ ଅଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ବେଆଇନ ଖଣି ଉତ୍ତଳନ ଖଣି ଓ ଖଣିଜ ପଦାର୍ଥର ବିକାଶ ଏବଂ ନିୟନ୍ତ୍ରଣ ନିୟମ ଲାପ କରୁଥିବାରୁ ଖଣିମାଫିଆଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ତଦନ୍ତ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦିଆଯାଇଛି।

## ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମହିଳାଙ୍କୁ ବାଣ୍ଟିଲେ ସାବିତ୍ରୀ ଭାର



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ୭୦୦ ମହିଳାଙ୍କୁ ବାଣ୍ଟିଲେ ସାବିତ୍ରୀ ଭାର। ଏଭଳି ଏକ ଭବ୍ୟ କାର୍ଯ୍ୟକ୍ରମ ଆଜି ଗୋଳନ୍ଥରା ସ୍ଥିତ ଇଶାଣେଶ୍ୱର ମନ୍ଦିର ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ କାଶୀ ସୁମେରୁ ବୃଦ୍ଧ ଶଙ୍କରାଚାର୍ଯ୍ୟ ଯୋଗ ଦେଇଥିଲେ। ଭାଇ ଭଉଣୀଙ୍କ ମଧୁର ସମ୍ପର୍କ ବିଷୟରେ ଶଙ୍କରାଚାର୍ଯ୍ୟ ନିଜର ଅଭିଭାଷଣ ରଖିଥିଲେ। ଏହାପରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଭିଡ଼ିଓ କନଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗ ଦେଇ ଏଭଳି କାର୍ଯ୍ୟକ୍ରମକୁ ସାଧୁବାଦ ଦେବା ସହ ସମସ୍ତ ମହିଳା ମାନଙ୍କୁ ସାବିତ୍ରୀ ବ୍ରତ ଅବସରରେ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗାଁରୁ ଆସିଥିବା ମହିଳା ମାନଙ୍କୁ ସାବିତ୍ରୀ ଭାର ପ୍ରଦାନ କରିଥିଲେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ମହିଳା ମାନଙ୍କୁ ବର୍ଷକୁ ଥରେ ଭାର ପ୍ରଦାନ କରିବାରେ ବେଶ ଆନନ୍ଦିତ ଲାଗିଥାଏ । ଏହା କୌଣସି ଭାର ନୁହେଁ ବରଂ ଭାଇର କର୍ତ୍ତବ୍ୟ ଭାବେ ଭଉଣୀର ସୁରକ୍ଷାର ଦାୟିତ୍ୱ ତଥା ସୁବିଧା ଅସୁବିଧାରେ ଠିଆ ହେବା ପାଇଁ ପଣର ସାମଗ୍ରୀ । ସାବିତ୍ରୀ ଭାର ପାଇ ମହିଳାମାନଙ୍କ ମଧ୍ୟରେ ଖୁସି ଦେଖି ନିଜକୁ ଆତ୍ମ ତୃପ୍ତି ଲାଗିଥିବା କହିଛନ୍ତି ଖଣି ମନ୍ତ୍ରୀ । ସେପଟେ ସାବିତ୍ରୀ ଅମାବାସ୍ୟା ପୂର୍ବରୁ ମହିଳା ମାନଙ୍କୁ ଏକତ୍ରିତ କରି ଭାର ପ୍ରଦାନ କରିବା ଖଣି ଓ ଇସ୍ପାତ ମନ୍ତ୍ରୀଙ୍କ ମହତ କାର୍ଯ୍ୟ । ମନ୍ତ୍ରୀଙ୍କ ହାତରୁ ଭାର ପାଇ ବେଶ ଖୁସି ଲାଗିଥିବା କହିଛନ୍ତି ମହିଳା ମାନେ।

## ଇସ୍ରୋ ଯିବେ କୋକସରା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ପ୍ରୟାଗରାଜ ପଣ୍ଡା




**ଧର୍ମଗଡ,(ଡିକେ ନ୍ୟୁଜ୍):** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଯିବାକୁ ମନୋନୀତ ହୋଇଛନ୍ତି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ପ୍ରୟାଗରାଜ ପଣ୍ଡା। ଗତ ନଭେମ୍ବର ୨୦୨୪ରେ ଭୁବନେଶ୍ୱର ଠାରେ ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ୨୦୨୪ ରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ୩୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ କଳାହାଣ୍ଡି ଜିଲ୍ଲାରୁ ମନୋନୀତ ହୋଇଥିଲେ ପ୍ରୟାଗ ରାଜ ପଣ୍ଡା। ଇସ୍ରୋ ଯିବା ପାଇଁ ବାଙ୍ଗାଲୋରରେ ଚଳିତ ମାସ ୨୪ ରୁ ୨୮ ପର୍ଯ୍ୟନ୍ତ ଶୈକ୍ଷିକ ପରିଭ୍ରମଣରେ ଯାତ୍ରା କରିଛନ୍ତି ପ୍ରୟାଗ ରାଜ ପଣ୍ଡା। କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଓଲମା ଗ୍ରାମର ଆଶିଷ କୁମାର ପଣ୍ଡାଙ୍କ ପୁଅ ପ୍ରୟାଗରାଜ ପଣ୍ଡା ଗତ ନଭେମ୍ବର ମାସରେ ରାଜ୍ୟସ୍ତରୀୟ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ପରୀକ୍ଷାରେ ୬୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ପରବର୍ତ୍ତୀ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ରାଜ୍ୟର ୩୦ ଜଣ କୃତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଥାନ ଅଧିକାର କରି ଇସ୍ରୋ ଯିବାପାଇଁ ମନୋନୀତ ହୋଇଛନ୍ତି। ଇସ୍ରୋରେ ପ୍ରୟାଗ ରାଜଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧନା କରାଯିବା ନେଇ ଓଡିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷା ନିଝୁମ ରାଣୀ ପଣ୍ଡିତ ସୂଚନା ଦେଇଛନ୍ତି। ବିଦ୍ୟାଳୟର ଛାତ୍ରଙ୍କ ସଫଳତା ପରେ ଅଧକ୍ଷା ସମେତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଖୁସି ର ଲହରୀ ଖେଳିଯାଇଛି।

## କୋରାପୁଟରୁ ଭୁବନେଶ୍ୱର ମଧ୍ୟରେ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରିବାକୁ ଦାବି



**କୋରାପୁଟ,(ଡିକେ ନ୍ୟୁଜ୍):** କୋରାପୁଟରୁ ଭୁବନେଶ୍ୱର ମଧ୍ୟରେ ବନ୍ଦେ ଭାରତ ଟ୍ରେନ୍ ସେବା ଆରମ୍ଭ ନେଇ ଦାବି ରଖିଛି କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ। ଏହି ଦାବି ସଂଘ ପକ୍ଷରୁ ମାନ୍ୟବର କୋରାପୁଟ ସାଂସଦ ସପ୍ତଗିର ଶଙ୍କର ଉଲାକାଙ୍କ ନିକଟରେ ରଖାଯାଇଛି। ବିଶେଷ କରି ଲୋକସଭାର ଶୂନ୍ୟକାଳରେ ଏହି ଦାବି ନେଇ ପ୍ରଶ୍ନ କରିବାକୁ କୁହାଯାଇଛି। ଏହି ପତ୍ରରେ ଭୁବନେଶ୍ୱର- ବିଶାଖାପାଟଣା ମଧ୍ୟରେ ଚାଲୁଥିବା ବନ୍ଦେ ଭାରତ ୨୦୮୪୧ ଟ୍ରେନ୍ ଟିକୁ ଭାୟା ଆରକୁ ଦେଇ କୋରାପୁଟ ଯାଏଁ ସମ୍ପ୍ରସାରିତ କରିବା ନେଇ କୁହାଯାଇଛି। ଏଥିରେ ଯୁକ୍ତି ରଖାଯାଇଛି ଯେ, କୋରାପୁଟରୁ ରାୟଗଡ଼ା ଦେଇ ଭୁବନେଶ୍ୱରକୁ ୬୮୨ କିମି ରେଳ ଯାତ୍ରା ପଡୁଥିବା ବେଳେ କୋରାପୁଟରୁ ଆରକୁ -ବିଶାଖପାଟଣା ଦେଇ ଭୁବନେଶ୍ୱର ଦୂରତା ମାତ୍ର ୬୫୭ କିମି। ଭୁବନେଶ୍ୱର ଠାରୁ ବନ୍ଦେ ଭାରତ ଟ୍ରେନ୍‌ଟି ମାତ୍ର ୪୪୨ କିମି ଦୂରତାକୁ ୫ ଘଣ୍ଟାରେ ଅତିକ୍ରମ କରି ଏବେ ବିଶାଖାପାଟଣାରୁ ଫେରୁଛି। ଏହାକୁ ଆଉ ମାତ୍ର ୨୧୫ କିମି ସମ୍ପ୍ରସାରିତ କରି ସର୍ବ ମୋଟ ୯ ଘଣ୍ଟାରେ କୋରାପୁଟକୁ ନନ୍ଦପୁର ଏବଂ ଲମତାପୁଟ ବ୍ଲକ ଦେଇ ଭୁବନେଶ୍ୱର ସହ ଯୋଡ଼ା ଯାଇପାରିବ। ଏହାଦ୍ୱାରା ନନ୍ଦପୁର ଏବଂ ଲମତାପୁଟ ଭଳି ଅବହେଳିତ ବ୍ଲକ ଗୁଡ଼ିକ ରାଜଧାନୀ ସହ ସିଧାସଳଖ ଯୋଡି ହୋଇ ପାରିବ। ଏପରିକି ଏହା ଦ୍ୱାରା ଏ ଅଞ୍ଚଳରୁ ଭୁବନେଶ୍ୱରକୁ ଯାଉଥିବା ଏକ ମାତ୍ର ହୀରାଖଣ୍ଡ ଟ୍ରେନରୁ ଯାତ୍ରୀ ବୋଝ କମିବ, ଯାହାର ସୁଫଳ ଅବିଭକ୍ତ କୋରାପୁଟ ଭଳି ଆକାଂକ୍ଷା ଜିଲ୍ଲାର ବାସିନ୍ଦା ପାଇବେ ବୋଲି କୁହାଯାଇଛି। ରେଳ ଯୋଗାଯୋଗରେ ପଛୁଆ ଥିବା ଯୋଗୁଁ ହିଁ ଅବିଭକ୍ତ କୋରାପୁଟ ଜିଲ୍ଲାର ସାମାଜିକ ଏବଂ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ସମ୍ଭବ ହେଉନାହିଁ। ଭୁବନେଶ୍ୱର- ବିଶାଖାପାଟଣା ମଧ୍ୟରେ ଇଣ୍ଟରସିଟି ଏବଂ ଏକ ବନ୍ଦେ ଭାରତ ଟ୍ରେନ୍ ଚାଲୁଛି। ସେଥିରୁ ବନ୍ଦେ ଭାରତକୁ ଆରାକୁ, ପାଡୁଆ, ଭେଜା, ମାଛକୁଣ୍ଡ ଦେଇ କୋରାପୁଟ ଯାଏଁ ସମ୍ପ୍ରସାରଣ ନେଇ ଅନୁରୋଧ କରିଛନ୍ତି । ଏହି ଅନୁରୋଧ ପତ୍ର ରେଳ ମନ୍ତ୍ରଣାଳୟକୁ ମଧ୍ୟ ସେ ପ୍ରେରଣ କରିଛନ୍ତି । ଆଗାମୀ ଦିନରେ ଏହାକୁ ନେଇ ସେ ପ୍ରଶ୍ନ ଉଠାଇବେ ବୋଲି କହିଛନ୍ତି ।ସଭାପତି ଶଶଧର ରାଉତ, ସମ୍ପାଦକ ରଞ୍ଜନ ଦାସ, ରାଜେନ୍ଦ୍ର କୁମାର ଗୌଡ଼, ଭବାନୀ ଶଙ୍କର ମିଶ୍ର, ସୌମ୍ୟ ରଞ୍ଜନ ସାହୁ, ସୁବ୍ରତ ମହାନ୍ତି, ଚନ୍ଦ୍ର କାନ୍ତ ସୂତାର, ହେମନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲାୟନ୍ସ କ୍ଲବ୍ ପଦ୍ମପୁରର ଶୀତଳ ଷଷ୍ଠୀ ଶୋଭାଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



**ପଦ୍ମପୁର,(ଡିକେ ନ୍ୟୁଜ୍):** ସ୍ଥାନୀୟ ଲାୟନ୍ସ ଭବନ ପରିସରରେ ଲାୟନ୍ସ ଶ୍ରୀ ପ୍ରୀତମ୍ ମେହେରଙ୍କ ସଭାପତିତ୍ୱରେ ଚଳିତ ବର୍ଷର ଶୀତଳ ଷଷ୍ଠୀ ଶୋଭାଯାତ୍ରାକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେହେତୁ ପ୍ରବଳ ଗରମରେ ଶୋଭାଯାତ୍ରାଟି ଅନୁଷ୍ଠିତ ହେବା ସହ ବହୁ ଲୋକଙ୍କର ସମାଗମ ହୋଇଥାଏ ସେ ସବୁକୁ ଆଖି ଆଗରେ ରଖି ଆସନ୍ତା ୩୧ ମଇ ଶନିବାର ଦିନ ଥଣ୍ଡା ସର୍ବତ ବଣ୍ଟନ କଚେରୀ ଛକ ଠାରେ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଏହି ସଭାରେ ଲାୟନ୍ସ ବେଣୁ ମାଧବ ଦୋରା, ଲାୟନ୍ସ ଚିତ୍ତରଞ୍ଜନ ଦାଶ, ଲାୟନ୍ସ ବିନୋଦ ବିହାରୀ ମିଶ୍ର, ଲାୟନ୍ସ ସୌମ୍ୟଜିତ୍ ପାଢ଼ୀ,ଲାୟନ୍ସ ହିମାଂଶୁ ଯୋଶୀ,ଲାୟନ୍ସ ସଦାନନ୍ଦ ପୁରୋହିତ ଓ ଅନ୍ୟ ସଭ୍ୟ ବୃନ୍ଦ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବରଗଡ଼ ଜିଲ୍ଲାର ମାର୍କେଟ ୟାର୍ଡ ମାନଙ୍କରେ ଦଲାଲ୍ ରାଜ

**ବରଗଡ଼,(ଡିକେ ନ୍ୟୁଜ୍):** ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାର ମାର୍କେଟ ୟାର୍ଡ ମାନଙ୍କରେ ଦଲାଲ୍ ରାଜ ଖୋଲାଖୋଲି ଭାବେରେ ଚାଲିଛି। ଚାଷୀ ଖେତରେ ଏପର୍ଯ୍ୟନ୍ତ ଧାନ କାଟି ନାହିଁ କିନ୍ତୁ ସଂପୃକ୍ତ ଚାଷୀ ନାମରେ ଧାନ ବିକ୍ରି ହୋଇ ସାରିଲେଣି।ଏପରି ଗୁରୁତର ଅଭିଯୋଗ ହୋଇଛି ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ସତଲମା ଧାନ ମଣ୍ଡିରେ। ସେହି ଧାନ କେଉଁଠାରୁ ଆସିଛି, କିପରି ଆସିଛି ମଣ୍ଡିରେ ସକ୍ରିୟ ରହି ସମସ୍ତ ଧାନ ବିକ୍ରି ପ୍ରକ୍ରିୟାର ତଦାରଖ କରୁଥିବା ଚାଷୀ କମିଟି କୁ ଜଣା ନାହିଁ। ଏପରି ଅଭିଯୋଗ ନେଇ ସତଲମା ମାର୍କେଡ ୟାଡର ଚାଷୀମାନେ ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ ଅଫିସ ବନ୍ଦ ଥିବା କାରଣରୁ ସେମାନେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଘଟଣା ସଂପର୍କରେ ଫୋନ ମାଧ୍ୟମରେ ଜଣାଇଥିଲେ। ସେହି ଧାନ କେଉଁଠାରୁ ଆସିଛି ତାର ସଠିକ ଅନୁଧ୍ୟାନ ପୂର୍ବକ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜଣାଇଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ ମଇ ୨୪ ତାରିଖ ସୁଦ୍ଧା ୨୬ ଜଣ ଚାଷୀଙ୍କ ଠାରୁ ୧୪୮୬ କ୍ୱିଣ୍ଟାଲ ଧାନ କିଣା ସରିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ୨୬ ଜଣ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୦ଜଣ ଚାଷୀ ଏ ପର୍ଯ୍ୟନ୍ତ ଧାନ ଅମଳ ମଧ୍ୟ କରିନାହାନ୍ତି। ଗାଁ ର ଏକ ଧାନ ବେପାରୀ ଯେ କି ମିଲ୍ ମାନଙ୍କର ଏଜେଣ୍ଟ୍ ମଧ୍ୟ, ତା'ର ମାଧ୍ୟମରେ ଛତିଶଗଡ଼ର ନିମ୍ନ ମାନର ଶସ୍ତା ଧାନ ଆଣି ଚାଷୀ ମାନଙ୍କୁ ପ୍ରଲୋଭିତ କରି ତାଙ୍କ ନାମରେ ମାର୍କେଟରେ ପକାଇ ବିକ୍ରି କରୁଥିବା ଘଟଣାକୁ ନେଇ ସତଲମା ମାର୍କେଟ ୟାର୍ଡ ର ପ୍ରାୟ ୩୫ଜଣ ଚାଷୀ ଜିଲ୍ଲା ପ୍ରଶାସନ ଠାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। କାର୍ଯ୍ୟାଳୟକୁ ଅଭିଯୋଗ ପାଇଁ ଆସିଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଚାଷୀମାନଙ୍କୁ କହିଥିଲେ ଯେ ଅତିଶୀଘ୍ର ଏକ




ସ୍କାର୍ଡ ଦଳ ପଠାଇ ଘଟଣାର ତଦନ୍ତ କରାଯିବ। ଜିଲ୍ଲା ପ୍ରଶାସନ ଯଦି ତତ୍ପରତାର ସହ ତଦନ୍ତ କରେ ସବୁ ସ୍ୱଷ୍ଟ ହୋଇଯିବ ବୋଲି ଚାଷୀ ମାନେ ଦାବି କରୁଛନ୍ତି। କାରଣ ଯେଉଁ ଯେଉଁ ପ୍ଲଟରେ ଚାଷ ହୋଇ ଟୋକନ୍ ମିଳିଛି ସେହି ପ୍ଲଟରେ ଠିଆ ଧାନ ଥିବା ସତ୍ତ୍ୱେ ଯଦି ସେହି ଟୋକନ୍‌ରେ ଧାନ ବିକ୍ରି ସରିଗଲାଣି ତାହେଲେ ସେ ଚାଷୀ ଧାନ ଆଣିଲା କୋଉଠି ? ସରକାର ଟୋକନ ତିଆରି କରିବା ପୂର୍ବରୁ ଚାଷୀର ଜମିକୁ ସେଟଲାଇଟ ମାଧ୍ୟମରେ ତଥା ରେଭେନ୍ୟୁ ବିଭାଗ ମାଧ୍ୟମରେ, ତଦନ୍ତ କରି ଟୋକନ୍ ଦେଇଥାନ୍ତି। ଏ ପରିପ୍ରେକ୍ଷୀରେ ଯଦି ସେଭଳି ତଦନ୍ତ ହୁଏ ତା'ହେଲେ ଛତିଶଗଡ଼ର ଧାନ କିଭଳି ଦଲାଲମାନଙ୍କ ଜରିଆରେ ମେନେଜମେଣ୍ଟ୍ କରାଯାଉଛି ତାହା ସ୍ୱଷ୍ଟ ହୋଇଯିବ। ଏଥିରେ ଯିଏ ଦୋଷୀ, ସେ ଚାଷୀ ହେଉ କି ଦଲାଲ୍ ହେଉ କି ପ୍ରଶାସନିକ ଅଧିକାରୀ ତା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଲଲମା ମାର୍କେଟର ଚାଷୀ ଚଞ୍ଚଳ ପ୍ରଧାନ, ଦୁଷ୍ମନ୍ତ କୁମାର ସାହୁ, ସୁବାଷ ବଢେଇ, ଫଗୁନୁ ସାହୁ, ଦେବାନନ୍ଦ ସାହୁ, ଜୟଦେବ ସାହୁ, କିଶୋର ସାହୁ, ପାରେଶ୍ୱର ସାହୁ, ବୈଶାଖୁ ରଣା, ଦୁର୍ଯ୍ୟୋଧନ ସାହୁ, ଭାଗବତ ପୂଜାରୀ, ମନୋଜ ସାହୁ, ସୁଶାନ୍ତ ଜାଲ, ସୁନୀଲ ସାହୁ, ବିଶିକେଶନ ବଢେଇ, ବିଜୟ ପାତ୍ର, ଧୀରେନ ସେଠ, ରୁକ୍ମଣ ସାହୁ, ବୈଲୋଚନ ସାହୁ, ମାନସ ବେହେରା, ସମୀର ସାହୁ, ଦିନେଶ ସାହୁ, ବିବେକ ସାହୁ, ଯଦୁନନ୍ଦନ ପ୍ରଧାନ, ପ୍ରସାନ୍ତ ସାହୁ, କୈଳାସ ସାହୁ ପ୍ରମୁଖ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ ଯୋଗ ଦେଇଥିଲେ।





# ଶୁବମନ ଗିଲ ଭାରତୀୟ ଟେଷ୍ଟ ଟିମର ଅଧିନାୟକ



**ନୂଆଦିଲ୍ଲୀ, ୨୪/୫ (ହି.ସ):** ରୋହିତ ଶର୍ମାଙ୍କ ଅବସର ପରେ ଭାରତୀୟ ଟେଷ୍ଟ ଟିମର ଅଧିନାୟକ କିଏ ହେବ, ତା'କୁ ନେଇ ଋଲିଥିବା ସସପେନ୍ସ ଶେଷ ହୋଇଛି। ବିସିସିଆଇ ଭାରତୀୟ ଟେଷ୍ଟ କ୍ରିକେଟ ଟିମର ୩୭ତମ ଅଧିନାୟକ ଭାବେ ଶୁବମନ ଗିଲଙ୍କୁ ଚିୟନ କରିଛି। ଅନେକ ବିଋରବିମର୍ଶ ଓ ଭବିଷ୍ୟତକୁ ଦୃଷ୍ଟିରେ ଗିଲଙ୍କୁ ଟେଷ୍ଟ କମାଣ ଦିଆଯାଇଛି। ଗିଲଙ୍କ କ୍ୟାପ୍ଟେନ୍ସି କ୍ୟାରିୟର ଇଂଲଣ୍ଡ ବିପକ୍ଷ ୫ ଟିକିଆ ଟେଷ୍ଟ ସିରିଜରୁ ଆରମ୍ଭ ହେବ। ଏ ସିରିଜ ପାଇଁ ଆଜି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଓ ଚୟନ କମିଟିରେ ଥିବା ଓଡ଼ିଆ ପୁଅ ଶିବସୁନ୍ଦର ଦାସ ମିଳିତ ଭାବେ ୧୮ ଜଣିଆ ସ୍କାଡ ଘୋଷଣା କରିଛନ୍ତି। ଏଥିରେ ଗିଲଙ୍କୁ ଭାରତୀୟ ଟେଷ୍ଟ ଟିମର ନୂଆ କ୍ୟାପ୍ଟେନ କରାଯାଇଛି। ସେହିପରି ତାଙ୍କ ଡେପୁଟି ଭାବେ ଅନ୍ୟତମ ଯୁବ ତାରକା ଋଷଭ ପନ୍ତ କାମ କରିବେ଼ ନୂଆ କ୍ୟାପ୍ଟେନ ଓ ଉପ ଅଧିନାୟକଙ୍କ ଅଧୀନରେ ଭାରତୀୟ ଟିମ ୨୦୨୫-୨୭ ବିଶ୍ୱ ଟେଷ୍ଟ ଋମ୍ପିୟନଶିପର ଅଭିଯାନ ଇଂଲଣ୍ଡ ବିପକ୍ଷରୁ ଆରମ୍ଭ କରିବ। ୨୫ ବର୍ଷୀୟ ଗିଲ ଭାରତୀୟ ଟେଷ୍ଟ କ୍ରିକେଟ ଟିମର ଅନ୍ୟତମ ଯୁବ ଅଧିନାୟକ ହେବାର ରେକର୍ଡ କରିଛନ୍ତି। ନାଲି ବଲରେ କ୍ୟାପ୍ଟେନ୍ସି କରିବାର ଅଭିଜ୍ଞତା ତାଙ୍କ ପାଖରେ ନାହିଁ଼ କିନ୍ତୁ ସେ ୨୦୨୪ରେ ଜିମ୍ବାୱେ ବିପକ୍ଷ ୫ ଟିକିଆ ଟି-୨୦ ସିରିଜରେ ଭାରତର କମାଣ ସମ୍ଭାଳିଥିଲେ। ଆଇପିଏଲରେ ସେ ଗୁଜରାଟ ଟାଇଟନ୍ସର ନାତୃତ୍ୱ ନେଉଛନ୍ତି। ଭାରତର କ୍ୟାପ୍ଟେନ ହେବା ପୂର୍ବରୁ ସେ ମାତ୍ର ୫ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ରେ ନିଜର ଦଳର ନେତୃତ୍ୱ ନେଇଛନ୍ତି। ଭାରତର ଟେଷ୍ଟ ଟିମର କ୍ୟାପ୍ଟେନ ହେବା ପୂର୍ବରୁ ଗିଲ ଦିନିକିଆ ଓ ଟି-୨୦ ଫର୍ମାଟରେ ଭାରତୀୟ ଟିମର ଉପ ଅଧିନାୟକ ହୋଇଥିଲେ଼ ୨୦୨୫ ଋମ୍ପିୟନ୍ସ ଟ୍ରଫିରେ ସେ ଭାରତର ଉପ ଅଧିନାୟକ ରହିଥିଲେ। ଟେଷ୍ଟ କ୍ରିକେଟରେ ଗିଲ ଏଯାଏ ୩୨ଟି ମ୍ୟାଚ୍ ଖେଳି ୧୮୮୩ ରନ କରିଛନ୍ତି। ଏହା ମଧ୍ୟରେ ୫ଟି ଶତକ ରହିଛି। ରୋହିତ ଶର୍ମା ଅବସର ନେବାର କିଛି ଦିନ ପରେ ବିରାଟ କୋହଲି ମଧ୍ୟ କ୍ରିକେଟର ଏହି ଲମ୍ବା ଫର୍ମାଟକୁ ଅଲବିଦା କହିଥିଲେ। ଦୁଇ ବରିଷ୍ଠ ଖେଳାଳିଙ୍କ ଅବସର ପରେ ଷ୍ଟିଡଷ୍ଟାର ଯଶପ୍ରୀତ ବୁମ୍ରା କ୍ୟାପ୍ଟେନ ହେବା ଦୌଡ଼ରେ ସବୁଠାରୁ ଆଗରେ ଥିଲେ। ହେଲେ ତାଙ୍କ ଫିଟନେଶ ଓ ୱାର୍କଲୋଡ ମ୍ୟାନେଜମେଣ୍ଟସବୁ ଠାରୁ ଚିନ୍ତାର ବିଷୟ ଥିଲା। ବାରମ୍ବାର ଆହତ ହେଉଥିବା ବୁମ୍ରା ବର୍ଡର ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍ରେ କ୍ୟାପ୍ଟେନ ହେବା ସହ ଦଳକୁ ଜିତାଇଥିଲେ। କିନ୍ତୁ ସିରିଜର ୫ମ ତଥା ଶେଷ ମ୍ୟାଚ୍ର ପ୍ରଥମ ଇନିଂସ ପରେ ସେ ଆହତ ହେବାରୁ ଆଉ ବୋଲିଂ କରିବାକୁ ସକ୍ଷମ ହୋଇ ନଥିଲେ। ଏହି କାରଣରୁ ତାଙ୍କ ଭାରତୀୟ ଟେଷ୍ଟ ଟିମର ସ୍ଥାୟୀ କ୍ୟାପ୍ଟେନ କରାଯାଇ ନଥିବା ଜଣାପଡ଼ିଛି। ଅଭିଜ୍ଞ ଖେଳାଳି କେଏଲ ରାହୁଲ ମଧ୍ୟ କ୍ୟାପ୍ଟେନ ଦୌଡ଼ରେ ଥିଲେ। କିନ୍ତୁ ତାଙ୍କ ଉପରେ ଟିମ ମ୍ୟାନେଜମେଣ୍ଟ ଅତିରିକ୍ତ ଋପ ସୃଷ୍ଟି କରିବା ମୁଡରେ ନାହିଁ। ସେ ଦଳର ଅନ୍ୟତମ ବରିଷ୍ଠ ଖେଳାଳି ହୋଇଥିବାରୁ ତାଙ୍କୁ ଋପ ମୁକ୍ତ ରହି ଖେଳିବାକୁ ସୁଯୋଗ ଦେବାକୁ ମ୍ୟାନେଜମେଣ୍ଟ ଋହିଁଥିଲା। ତେଣୁ ତାଙ୍କୁ କ୍ୟାପ୍ଟେନ କରାଯାଇନି। ଇଂଲଣ୍ଡ ବିପକ୍ଷ ୫ ଟିକିଆ ସିରିଜ ପାଇଁ ଘୋଷଣା ହୋଇଥିବା ୧୮ ଜଣିଆ ସ୍କାଡରେ ନୂଆ ମୁହଁ ଭାବେ ସାଇ ସୁଦର୍ଶନଙ୍କୁ ସ୍ଥାନ ମିଳିଛି। ସେହିପରି ଦୀର୍ଘ ବର୍ଷ ପରେ କରୁଣ ନାଏର ଦଳକୁ କମବ୍ୟାକ କରିଛନ୍ତି। ଘରୋଇ କ୍ରିକେଟରେ ଦମଦାର ପ୍ରଦର୍ଶନ ପରେ କରୁଣଙ୍କୁ ଇଂଲଣ୍ଡ ବିପକ୍ଷ ସିରିଜରେ ସୁଯୋଗ ମିଳିଛି଼ ସେ ଶେଷଥର ପାଇଁ ୨୦୧୬ରେ ଭାରତର ଧଳା ଜର୍ସିରେ ନଜର ଆସିଥିଲେ। କରୁଣ ନାଏ ଦ୍ୱିତୀୟ ଭାରତୀୟ ଯିଏ ବୀରେନ୍ଦ୍ର ସେହୱାଗଙ୍କ ପରେ ଟେଷ୍ଟ କ୍ରିକେଟରେ ତ୍ରିଶତକ ହାସଲ କରିଥିଲେ। ସାଇ ସୁଦର୍ଶନ ଓ କରୁଣ ନାଏରଙ୍କ ବ୍ୟତୀତ ଦଳର ନୂଆ ଖେଳାଳି ଭାବେ ଅଭିମନ୍ୟୁ ଈଶ୍ୱରନଙ୍କୁ ସ୍ଥାନ ଦିଆଯାଇଛି। ଅର୍ଶଦୀପ ମଧ୍ୟ ୧୮ ଜଣିଆ ସ୍କାଡରେ ରହିଛନ୍ତି। ନୀତୀଶ କୁମାର ରେଡ୍ଡୀଙ୍କ ବ୍ୟତୀତ ଦ୍ରୁତ ବୋଲିଂ ଅଲରାଉଣ୍ଡର ଭାବେ ଶାର୍ଦ୍ଦୁଲ ଠାକୁରଙ୍କୁ ମଧ୍ୟ ସୁଯୋଗ ଦିଆଯାଇଛି। ପନ୍ତ ଓ ଧ୍ରୁବ ଜୁରେଲ ୱିକେଟ କିପର ଭାବେ ଚୟନ ହୋଇଥିବା ବେଳେ ସ୍ପିନ ବୋଲିଂର କମାଣ ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦର ସମ୍ଭାଳିବେ। ଦ୍ରୁତ ବୋଲିଂର ନେତୃତ୍ୱ ଯଶପ୍ରୀତ ବୁମ୍ରା ନେବେ ତାଙ୍କୁ ସାଥ ଦେବାକୁ ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଆକାଶ ଦୀପ ରହିଛନ୍ତି। ଆହତ ସମସ୍ୟାରୁ ମୁକୁଳି ଥିବା ମହମ୍ମଦ ଶାମିଙ୍କୁ ଟେଷ୍ଟ ଟିମରେ ସାମିଲ କରାଯାଇନାହିଁ।

# ବିଶ୍ୱକପ୍ ପୂର୍ବରୁ ବୀରେନ୍ଦ୍ର ଲାକ୍ରାଙ୍କୁ ମିଳିଲା ଗୁରୁଦାୟିତ୍ୱ



**ନୂଆଦିଲ୍ଲୀ,୨୪।୫ (ହି.ସ):** ପୂର୍ବତନ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରାଙ୍କୁ ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଭାରତୀୟ ଜୁନିୟର ପୁରୁଷ ହକି ଦଳର ଆସିଷ୍ଟାଣ୍ଟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ହକି ଇଣ୍ଡିଆ (ଏଚ୍ଆଇ) ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ୩୫ ବର୍ଷୀୟ ଲାକ୍ରା ମୁଖ୍ୟ କୋଚ୍ ତଥା କିମ୍ବଦନ୍ତୀ ଗୋଲକିପର ପିଆର ଶ୍ରୀଜେଶଙ୍କ ନେତୃତ୍ୱାଧୀନ କୋଚିଂ ଦଳରେ କାମ କରିବେ। ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତୀୟ ଜୁନିୟର ପୁରୁଷ ଦଳର ସଦସ୍ୟ ହେବା ସମ୍ମାନର ବିଷୟ। ଭାରତୀୟ ଜର୍ସି ପିନ୍ଧିବା ପାଇଁ କ'ଣ କ'ଣ ଦରକାର ମୋତେ ତାହା ଜଣାଅଛି। ଏବେ ମୁଁ ନୂଆ ପିଢ଼ିର ଖେଳାଳିଙ୍କୁ ବଡ଼ ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବାରେ ସାହାଯ୍ୟ କରିବାକୁ ଯାଉଛି। ମୋ ଦୀର୍ଘ ଦିନର ସାଥି ଖେଳାଳି ଓ ପ୍ରେରଣା ଶ୍ରୀଜେଶଙ୍କ ସହ କାମ କରିବା ଏକ କୌତୁହଳପୂର୍ଣ୍ଣ ଚ୍ୟାଲେଞ୍ଜ଼ ଆମେ ଏକ ଭୟମୁକ୍ତ ଏବଂ ଭଲ ଭାବେ ପ୍ରସ୍ତୁତ ଥିବା ଦଳ ଗଠନ କରିବା ପାଇଁ ପ୍ରତିବଦ୍ଧ ବୋଲି ଲାକ୍ରା କହିଛନ୍ତି। ଭାରତୀୟ ଦଳର ଡିଫେନ୍ସ ଭାଗକୁ ସୁଦୃଢ଼ କରିବା ଲାକ୍ରାଙ୍କ ମୁଖ୍ୟ ଦାୟିତ୍ୱ ହେବ। ଆସନ୍ତା ବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ମଦୁରାଇ ଠାରେ ଜୁନିୟର ହକି ବିଶ୍ୱକପ୍ ଖେଳାଯିବ। ଉଲ୍ଲେଖଯୋଗ୍ୟ ଯେ, ୨୦୧୦ରେ ଭାରତ ପାଇଁ ପଦାର୍ପଣ କରିଥିବା ଲାକ୍ରା ଖୁବ ଶୀଘ୍ର ଦଳର ସବୁଠୁ ନିର୍ଭରଯୋଗ୍ୟ ଡିଫେଣ୍ଡର ପାଲଟି ଯାଇଥିଲେ। ସେ ଭାରତକୁ ୨୦୧୨ ଲଣ୍ଡନ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିଲା।

# ନିଜ ଭାଇଙ୍କ ରେକର୍ଡ ସହ ସମକକ୍ଷ ହେଲେ ମିଚେଲ ମାର୍ଶ



**ନୂଆଦିଲ୍ଲୀ, (ହି.ସ):** ମିଚେଲ ମାର୍ଶ ଗତକାଲି ଗୁଜରାଟ ଜାଏଣ୍ଟ ବିପକ୍ଷ ମ୍ୟାଚ୍ରେ ୧୧୭ ରନର ଏକ ଚମତ୍କାର ଇନିଂସ ଖେଳି ତାଙ୍କ ଆଇପିଏଲ୍ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ଏହା ସହିତ ସେ ତାଙ୍କ ଭାଇଙ୍କ ୧୮ ବର୍ଷ ପୁରୁଣା ରେକର୍ଡର ସମକକ୍ଷ ହୋଇଛନ୍ତି। ମିଚେଲ ମାର୍ଶ ଏବଂ ଶନ୍ ମାର୍ଶ ଏବେ ଆଇପିଏଲର ଶତକ ହାସଲ କରିଥିବା ଭାଇମାନଙ୍କ ପ୍ରଥମ ଯୋଡ଼ି ହୋଇଯାଇଛନ୍ତି। ମିଚେଲ ମାର୍ଶ ୫୬ ବଲରେ ତାଙ୍କର ଶତକ ପୂରଣ କରିଥିଲେ। ବାସ୍ତବରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୦୮ରେ ଆରମ୍ଭ ହୋଇଥିଲା, ଯେତେବେଳେ ଶନ୍ ମାର୍ଶ ପଞ୍ଜାବ କିଙ୍ଗ୍ସ (ପୂର୍ବରୁ କିଙ୍ଗସ୍ ଇଲେଭେନ୍ ପଞ୍ଜାବ) ପାଇଁ ଖେଳି ଏକ ଶତକ ଏବଂ ୫ ଅର୍ଦ୍ଧଶତକ କରିଥିଲେ। ଏବେ ମିଚେଲ ମାର୍ଶ ଆଇପିଏଲ୍ ୨୦୨୫ରେ ସମାନ କୃତିତ୍ୱ ହାସଲ କରିଛନ୍ତି। ମିଚେଲ ଚଳିତ ସିଜିନ୍ରେ ୧ ଶତକ ଏବଂ ୫ ଅର୍ଦ୍ଧଶତକ ହାସଲ କରିଛନ୍ତି଼ ଶନ୍ ମାର୍ଶ ଆଇପିଏଲ୍ ୨୦୦୮ରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ୬୯ ୧୧୫ ରନ୍ କରିଥିଲେ। ଏବେ ଆଇପିଏଲ୍ ୨୦୨୫ରେ ମିଚେଲ ମାର୍ଶ ୬୪ ବଲରେ ୧୧୭ ରନ୍ କରିଛନ୍ତି। ଶନ୍ ମାର୍ଶ ତାଙ୍କ ୭୧ ମ୍ୟାଚ୍ ବିଶିଷ୍ଟ ଆଇପିଏଲ କ୍ୟାରିୟରରେ ୨,୪୭୭ ରନ୍ କରିଥିଲେ। ଅନ୍ୟପକ୍ଷରେ, ମିଚେଲ୍ ମାର୍ଶ ଏପର୍ଯ୍ୟନ୍ତ ୫୪ ମ୍ୟାଚ୍ରେ ୧,୨୨୬ ରନ୍ କରିଛନ୍ତି ଏବଂ ୩୭ ୱିକେଟ୍ ମଧ୍ୟ ନେଇଛନ୍ତି। ମିଚେଲ୍ ମାର୍ଶଙ୍କ ବ୍ୟାଟ୍ ଆଇପିଏଲ ୨୦୨୫ରେ ବହୁତ ରନ୍ ବର୍ଷା କରିଛି। ଏପର୍ଯ୍ୟନ୍ତ ସେ ଲକ୍ଷ୍ନୌ ସୁପର ପାଇଁ ୧୨ ମ୍ୟାଚ୍ରେ ୪୬.୬୭ ହାରରେ ୫୬୦ ରନ୍ କରିଛନ୍ତି। ଏହା ଆଇପିଏଲ ଇତିହାସରେ ପ୍ରଥମ ଥର ଯେ ମିଚେଲ୍ ମାର୍ଶ ଗୋଟିଏ ସିଜିନରେ ୫୦୦ ରୁ ଅଧିକ ରନ୍ କରିଛନ୍ତି। ଏହି ସିଜିନରେ ତାଙ୍କର ପ୍ରଦର୍ଶନ ମଧ୍ୟ ସ୍ୱତନ୍ତ୍ର କାରଣ ଏହା ପୂର୍ବରୁ ଏକ ସିଜିନରେ ତାଙ୍କର ସର୍ବାଧିକ ସ୍କୋର ୨୫୧ ରନ୍ ଥିଲା।

# ଇଂଲଣ୍ଡରେ ସବୁ ମ୍ୟାଚ୍ ଖେଳିବେନି ଯଶପ୍ରୀତ ବୁମ୍ରା



**ଅଷ୍ଟ୍ରେଲିଆ, ୨୪/୫ (ହି.ସ):** ଅଷ୍ଟ୍ରେଲିଆରେ ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫ରେ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଯଶପ୍ରୀତ ବୁମ୍ରା ପର୍ଥରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚରେ ଭାରତର ନେତୃତ୍ୱ ନେଇଥିଲେ। ଏହି ମ୍ୟାଚ୍ରେ ଭାରତ ବିଜୟୀ ହୋଇଥିଲା। ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ସମସ୍ତ ୫ଟି ଯାକ ମ୍ୟାଚ୍ରେ ଖେଳିବେ ନାହିଁ ଭାରତର ଫାଷ୍ଟ ବୋଲର ଯଶପ୍ରୀତ ବୁମ୍ରା। ଇଂଲଣ୍ଡ ଗସ୍ତ ପାଇଁ ଆଜି ୧୮ ଜଣିଆ ଭାରତୀୟ ଟେଷ୍ଟ ଦଳ ଘୋଷଣା କଲା ବେଳେ ଏହି ସୂଚନା ଦେଇଛନ୍ତି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର। ବିସିସିଆଇର ଫିଜିଓ ଓ ଡାକ୍ତରମାନେ ଦେଇଥିବା ତଥ୍ୟ ଆଧାରରେ ଏହି ସୂଚନା ଦେଇଛନ୍ତି ଅଗରକର। ସେ କହିଛନ୍ତି, ମୁଁ ଭାବୁ ନାହିଁ ଯେ ସେ (ଯଶପ୍ରୀତ ବୁମ୍ରା) ୫ଟି ଯାକ ଟେଷ୍ଟରେ ଉପଲବ୍ଧ ହେବେ। ଫିଜିଓ ଓ ଡାକ୍ତରମାନେ ଯାହା କହିଛନ୍ତି, ସେହି ଆଧାରରେ ଏହା ଜଣାପଡୁଛି। ସେ ୪ଟି ଟେଷ୍ଟ ଖେଳିବେ କି ୩ଟି ଖେଳିବେ, ତାହା ସିରିଜ୍ ଋଲିବା ପରେ ଜଣାପଡ଼ିବ଼ ସେହିପରି ତାଙ୍କ ଶରୀର କେତେ କାର୍ଯ୍ୟଭାର ସମ୍ଭାଳି ପାରୁଛି, ତାହା ଦେଖିବାକୁ ହେବ। ସେ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଯଦି ସେ ତିନି ବା ଋରିଟି ଟେଷ୍ଟ ମ୍ୟାଚ୍ ପାଇଁ ଫିଟ୍ ରହନ୍ତି, ତା'ହେଲେ ସେ ଆମ ପାଇଁ ବିଜୟ ଆଣି ଦେବେ। ଅଗରକର କହିଛନ୍ତି, ଆମେ ଖୁସି ଅଛୁ ଯେ ସେ ଏବେ ଫିଟ୍ ଅଛନ୍ତି। ଅଷ୍ଟ୍ରେଲିଆରେ ତାଙ୍କୁ ଯେଉଁ ଝଟକା ଲାଗିଥିଲା, ତାହା ସେତେ ଖରାପ ନଥିଲା। ସେ ପୁଣି ଥରେ ଖେଳିବା ଆରମ୍ଭ କରିଛନ୍ତି। ଏବେ ଆଇପିଏଲରେ ସେ କ'ଣ କରୁଛନ୍ତି, ଆମେ ସମସ୍ତେ ଦେଖୁଛନ୍ତି। ମୁଁ ଖୁସି ଯେ ସେ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି। ଅଷ୍ଟ୍ରେଲିଆରେ 'ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫'ରେ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଯଶପ୍ରୀତ ବୁମ୍ରା ପର୍ଥରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ରେ ଭାରତର ନେତୃତ୍ୱ ନେଇଥିଲେ। ଏହି ମ୍ୟାଚ୍ରେ ଭାରତ ବିଜୟୀ ହୋଇଥିଲା। ତେବେ ଏହି ଟ୍ରଫିର ଅନ୍ତିମ ଟେଷ୍ଟ ମ୍ୟାଚର ପ୍ରଥମ ଇନିଂସରେ ସେ ଆହତ ହେବାରୁ ଆଉ ବୋଲିଂ କରିବାକୁ ସକ୍ଷମ ହୋଇ ନଥିଲେ। ଆହତ କାରଣରୁ ଯଶପ୍ରୀତ ବୁମ୍ରା ଋମ୍ପିୟନ୍ସ ଟ୍ରଫି ଖେଳି ପାରି ନଥିଲେ। କିନ୍ତୁ ସେ ୨୦୨୫ ଆଇପିଏଲରେ ଫେରିଥିଲେ ମୁମ୍ବାଇ ଟିମ୍କୁ। ସେ ଏବେ ଭଲ ଫର୍ମରେ ଅଛନ୍ତି। ଦଳ ପାଇଁ ସେ ୯ଟି ମ୍ୟାଚ୍ରୁ ୧୬ଟି ୱିକେଟ୍ ନେଇଛନ୍ତି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଭଳି ଦୁଇ ବରିଷ୍ଠ ଖେଳାଳି ଟେଷ୍ଟ ମ୍ୟାଚର ଅବସର ନେବା ପରେ ଯଶପ୍ରୀତ ବୁମ୍ରା ଅଧିନାୟକ ହେବା ଦୌଡ଼ରେ ସବୁଠାରୁ ଆଗରେ ରହିଥିଲେ। ହେଲେ ତାଙ୍କ ଫିଟନେଶ ଓ ୱାର୍କଲୋଡ ମ୍ୟାନେଜମେଣ୍ଟ ସବୁଠାରୁ ଚିନ୍ତାର ବିଷୟ ହୋଇଥିବାରୁ ତାଙ୍କୁ ଅଧିନାୟକ କରାଯାଇନାହିଁ। ଇଂଲଣ୍ଡ ଗସ୍ତ ପାଇଁ ଆଜି ୧୮ ଜଣିଆ ଭାରତୀୟ ଟେଷ୍ଟ ଦଳ ଘୋଷଣା କରାଯାଇଥିବା ବେଳେ ଶୁବମନ ଗିଲଙ୍କୁ କରାଯାଇଛି ଅଧିନାୟକ଼ ୨୫ ବର୍ଷୀୟ ଗିଲ ହୋଇଛନ୍ତି ଭାରତୀୟ ଟେଷ୍ଟ କ୍ରିକେଟ ଟିମ୍ର ୩୭ତମ ଅଧିନାୟକ। ସୂଚନାଯୋଗ୍ୟ, ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଘୋଷଣା କରାଯାଇଥିବା ୧୮ ଜଣିଆ ସ୍କ୍ୱାଡର ବରିଷ୍ଠ ଫାଷ୍ଟ ବୋଲର ମହମ୍ମଦ ସାମିଙ୍କୁ ସାମିଲ କରାଯାଇନାହିଁ଼ ଆହତ ଜନିତ କାରଣରୁ ତାଙ୍କୁ ବାଦ୍ ଦିଆଯାଇଛି। ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫ ପାଇଁ ମଧ୍ୟ ତାଙ୍କୁ ଦଳରେ ସାମିଲ କରାଯାଇ ନଥିଲା। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଛନ୍ତି, ସେ (ଶାମି) ଏହି ଟେଷ୍ଟ ସିରିଜ୍ ପାଇଁ ଫିଟ୍ ହେବାକୁ ପ୍ରୟାସ କରିଛନ୍ତି। କିନ୍ତୁ ମୁଁ ଭାବୁ ନାହିଁ ସେ ଏବେ ୫ଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯଥେଷ୍ଟ ଫିଟ୍ ହୋଇଛନ୍ତି। ମୁଁ ଭାବୁ ନାହିଁ ଯେ ସେ ଯେତିକି ଫିଟ୍ ରହିବା କଥା ସେତିକି ଅଛନ୍ତି। ଡାକ୍ତରମାନଙ୍କ ପରାମର୍ଶ କ୍ରମେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ

# କାନାଡା ଯିବାକୁ ମନା କରିଥିବା ହରବଂଶ ସିଂହ ଭାରତୀୟ ଟିମରେ ପାଇଲେ ସୁଯୋଗ



**ନୂଆଦିଲ୍ଲୀ, ୨୪/୫ (ହି.ସ):** ଦୃଢ଼ଇଚ୍ଛା ଶକ୍ତି ଥିଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ବେଶ ସହଜ ହୋଇଯାଏ। କିଛି ପାଇବାକୁ ହେଲେ କିଛି ହରାଇବାକୁ ପଡ଼ିଥାଏ। ଯୁଗେ ଯୁଗେ ଏହା ସତ ପ୍ରମାଣିତ ହୋଇ ଆସିଛି। ଏବେ ପୁଣି ଏହାର ଗୋଟିଏ ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛି। ନିଜ ସ୍ୱପ୍ନକୁ ପୂରଣ କରିବା ପାଇଁ ଅନେକ କିଛି ବଳିଦାନ ଦେଇଥିବା ଜଣେ ଯୁବ ଖେଳାଳିଙ୍କୁ ଏବେ କିଛି ମାତ୍ରାରେ ସଫଳତା ମିଳିଛି। ସେ ଇଂଲଣ୍ଡ ଗସ୍ତରେ ଯିବାକୁ ଥିବା ୧୯ ବର୍ଷରୁ କମ ଭାରତୀୟ ଦଳରେ ସୁଯୋଗ ପାଇଛନ୍ତି।୧୭ ବର୍ଷୀୟ ଆୟୁଷ ମହାତ୍ରେଙ୍କ ନେତୃତ୍ୱରେ ଘୋଷଣା ହୋଇଥିବା ୧୯ ବର୍ଷରୁ କମ ଭାରତୀୟ ଟିମରେ ସ୍ଥାନ ପାଇଛନ୍ତି ୱିକେଟ କିପର ହରବଂଶ ସିଂହ଼ ଅବଶ୍ୟ ଦଳରେ ଅଭିଜ୍ଞାନ କୁଣ୍ଡୁଙ୍କୁ ପ୍ରଥମ ୱିକେଟ କିପର ସହ ଉପ ଅଧିନାୟକ ପଦ ମିଳିଛି। କିନ୍ତୁ ୧୬ ଜଣିଆ ଭାରତୀୟ ଟିମରେ ହରବଂଶ ସିଂହ ସ୍ଥାନ ପାଇବା କୌଣସି ଚମତ୍କାର ଠାରୁ କମ ନୁହେଁ। ଦେଶ ପାଇଁ ଖେଳିବାକୁ ସ୍ୱପ୍ନ ରଖିଥିବା ହରବଂଶଙ୍କୁ ଏଥିପାଇଁ ନିଜ ବାପା ଓ ପରିବାର ଲୋକଙ୍କ ଠାରୁ ଦୂରରେ ରହିବାକୁ ପଡ଼ିଥିଲା। ହରବଂଶଙ୍କ ବାପା ଜଣେ ଟ୍ରକ ଋଳକ଼ କିଛି ବର୍ଷ ତଳେ ହରବଂଶଙ୍କୁ ଭାରତ ଛାଡ଼ି କାନାଡା ଯିବାର ବିକଳ୍ପ ମିଳିଥିଲା। କିନ୍ତୁ ସେ କାନାଡା ବଦଳରେ ଭାରତରେ ରହିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କ ବାପା ଦମନଦୀପ ସିଂହ କାନାଡାରେ ଟ୍ରକ ଚଳାନ୍ତି଼ ସେଠାରେ ସେ ରହିବା ସହ ପରିବାରର ଅନ୍ୟ ସଦସ୍ୟମାନେ କାନାଡାରେ ରୁହନ୍ତି଼ ହେଲେ ହରବଂଶ ନିଜ କ୍ରିକେଟ ସ୍ୱପ୍ନକୁ ପୂରଣ କରିବା ପାଇଁ ବାପା ଓ ପରିବାର ଲୋକଙ୍କୁ ଛାଡ଼ି ମା'ଙ୍କ ସହ ଭାରତରେ ରହୁଥିଲେ଼ କ୍ରିକେଟକୁ ନିଜ ଜୀବନ କରିଥିଲେ଼ ଏବେ ଏହାକୁ କିଛି ମାତ୍ରାରେ ସଫଳତା ମିଳିଛି। ପ୍ରଥମଥର ପାଇଁ ଭାରତ ପାଇଁ ଖେଳିବାକୁ ହରବଂଶ ବିଦେଶ ଗସ୍ତ କରିବେ଼ ଏହାକୁ ନେଇ ତାଙ୍କ ବାପା ଦମନଦୀପ ବେଶ ଖୁସି। ସେ ଖୁଲାସା କରିଛନ୍ତି ଯେ ତାଙ୍କ ପୁଅ କାନାଡା ଯିବାକୁ ମନା କରିଥିଲା। ଅନ୍ତର୍ଜାତୀୟ କ୍ରିକେଟରେ ସେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ସ୍ୱପ୍ନ ଦେଖିଥିଲା। ଏହାକୁ ପୂରଣ କରିବା ପାଇଁ ସେ ଭାରତରେ ରହିବାକୁ ନିଷ୍ପତ୍ତି ନେଇଥିଲା ବୋଲି ଦମନଦୀପ କହିଛନ୍ତି। ଏବେ ବି ଦମନଦୀପ କାନାଡାରେ ରହୁଛନ୍ତି। ସେ କହିଛନ୍ତି, ୧୫ରୁ ୧୬ ଘଣ୍ଟା ଟ୍ରକ ଚଳାଇବା ପରେ ନିଦ ଭାଙ୍ଗିବା ବେଶ କଷ୍ଟକର଼ ମୋତେ ଅନେକ ଶୁଭେଚ୍ଛା ଭରା ମେସେଜ ଆସିଛି଼ ଏହା ଅଲଗା ପ୍ରକାରର ଅନୁଭୂତି ଦେଇଛି। ଏଥିସହ କିଛି ପୁରୁଣା ସ୍ମୃତିକୁ ମଧ୍ୟ ତାଜା କରି ଦେଇଛି। କାନାଡା ଆସିବାକୁ ହରବଂଶ କେମିତି ମନା କରିଥିଲା, ସେକଥା ମୋର ମନେ ପଡ଼ି ଯାଉଛି। ସେ ବହୁତ ଜିଦ ଖୋର ପିଲା। ସେ ତା'ର ସ୍ୱପ୍ନକୁ ପୂରଣ କରିବାକୁ ଲାଗି ପଡ଼ିଥିଲା। ହରବଂଶ ସବୁବେଳେ ଯୁବରାଜ ସିଂହଙ୍କୁ ନିଜର ଆଦର୍ଶ ମାନି ଆସିଛନ୍ତି। ଯୁବରାଜଙ୍କ ଭଳି ହରବଂଶ ମଧ୍ୟ ଜଣେ ବାମହାତୀ ବ୍ୟାଟର। ଦମନଦୀପ କହିଛନ୍ତି, ମୁଁ ଓ ମୋ ବଡ଼ ଭାଇ କ୍ରିକେଟ ପାଗଳ। ଆମେ କ୍ରିକେଟ ଖେଳିବାକୁ ବେଶ ଭଲ ପାଉ। ରାଜକୋଟ ଆମ ଘର ଠାରୁ ୨୦୦ କିମି ଦୂର। ୨୦୧୨ରେ ସୌରାଷ୍ଟ୍ର କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରଥମଥର ପାଇଁ ଗୋଟିଏ କ୍ରିକେଟ ଏକାଡେମୀ ଆମ ସହରରେ ଖୋଲା ଯାଇଥିଲା। ହରବଂଶକୁ ୬ ବର୍ଷ ବୟସ ହୋଇଥିବା ବେଳେ ସେଠାରେ ମୁଁ ତା'ର ନାଁ ଲେଖାଇଥିଲି। ସେ ମୋ ଠାରୁ କିପିଂ ଶିଖିଛି। କାରଣ ମୁଁ କିପିଂ କରିବାକୁ ବେଶ ଭଲ ପାଏ। କିନ୍ତୁ ସେ ଯୁବରାଜ ସିଂହଙ୍କୁ ଦେଖି ବାମହାତୀ ବ୍ୟାଟର ବନିଥିଲା। ସେ ଯୁବରାଜଙ୍କର ଜଣେ ବଡ଼ ଫ୍ୟାନ। ଯୁବରାଜ ପିଚରେ ଥିବା ବେଳେ ତାଙ୍କ ଖେଳ ସେ ଦେଖି ନଥିଲା। କିନ୍ତୁ ଷ୍ଟୁଆର୍ଟ ବ୍ରଡଙ୍କୁ ସେ ଯେଉଁ ୬ ବଲରେ ୬ ଛକା ମାରିଥିଲେ, ତା'ର ଭିଡିଓକୁ ହରବଂଶ ସବୁବେଳେ ଦେଖେ଼ ଏହାକୁ ଦେଖି ସେ ଯୁବରାଜଙ୍କ ଭଳି ବ୍ୟାଟିଂ କରିବାକୁ ସବୁବେଳେ ଚେଷ୍ଟା କରିଥାଏ। ଭାରତର ଅଣ୍ଡର ୧୯ ଟିମର ଅଧିନାୟକ ହୋଇଛନ୍ତି ୧୭ ବର୍ଷୀୟ ଆୟୁଷ ମହାତ୍ରେ। ଆଗାମୀ ଇଂଲଣ୍ଡ ବିପକ୍ଷ ସିରିଜ ପାଇଁ ଜୁନିୟର କ୍ରିକେଟ କମିଟି ଆୟୁଷଙ୍କୁ ଅଧିନାୟକ ଭାବେ ନିଯୁକ୍ତ କରିଛି। ଭାରତର ଅଣ୍ଡର ୧୯ ଟିମ ଇଂଲଣ୍ଡ ଗସ୍ତ କରି ପ୍ରଥମେ ଗୋଟିଏ ୫୦ ଓଭର ବିଶିଷ୍ଟ ଅଭ୍ୟାସ ମ୍ୟାଚ୍ ଖେଳିବ। ଏହାପରେ ଭାରତୀୟ ଅଣ୍ଡର ୧୯ କ୍ରିକେଟ ଟିମ ଓ ଇଂଲଣ୍ଡ ଅଣ୍ଡର ୧୯ କ୍ରିକେଟ ଟିମ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଯୁବ ଦିନିକିଆ ସିରିଜ ଖେଳାଯିବ। ସେହିପରି ୨ଟି ଟେଷ୍ଟ ମ୍ୟାଚ୍ ମଧ୍ୟ ଦୁଇ ଦେଶର ଯୁବ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହେବ। ଇଂଲଣ୍ଡ ଟୁର ପାଇଁ ଘୋଷଣା ହୋଇଥିବା ୧୬ ଜଣିଆ ସ୍କାଡରେ ୧୪ ବର୍ଷୀ। ବାମହାତୀ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ରହିଛନ୍ତି। ନିକଟରେ ସୂର୍ଯ୍ୟବଂଶୀ ଆଇପିଏଲରେ ସର୍ବକନିଷ୍ଠ କ୍ରିକେଟର ଭାବେ ଡେବ୍ୟୁ କରିବା ସହ ବିସ୍ଫୋରକ ଶତକ ହାସଲ କରିଥିଲେ଼ ସେ ରାଜସ୍ଥାନ ରୟାଲ୍ସ ପାଇଁ ଚଳିତ ଆଇପିଏଲରେ ୭ଟି ମ୍ୟାଚ୍ ଖେଳି ୨୦୬.୫୬ ଷ୍ଟ୍ରାଇକ ରେଟରେ ୨୫୨ ରନ କରିଛନ୍ତି।

# 'ହେରା ଫେରି ୩' ଫିଲ୍ମ କରିବେନି ପରେଶ ରାୱଲ

**ମୁମ୍ବାଇ,୨୪/୫ (ହି.ସ):** 'ହେରା ଫେରି ୩' ଫିଲ୍ମଟି ଦୀର୍ଘ ସମୟ ଧରି ବିବାଦରେ ରହିଛି। ଆଉ ଏବେ ପରେଶ ରାୱଲ ଫିଲ୍ମରୁ ଓହରି ଯାଇଛନ୍ତି। ସେ ଏହାର କିଛି ସଟ୍ ମଧ୍ୟ ସୁଟ୍ କରିଥିଲେ, କିନ୍ତୁ ନିର୍ମାତାଙ୍କୁ କୌଣସି ଅପଡେଟ୍ ନଦେଇ ଏକ ଗଣମାଧ୍ୟମ ସାକ୍ଷାତକାରରେ କହିଥିଲେ ଯେ ସେ ଆଉ ଫିଲ୍ମର ଅଂଶ ନୁହଁନ୍ତି। ଫିଲ୍ମର ନିର୍ମାତା ଓ ପରେଶ ରାୱଲଙ୍କ ମଧ୍ୟରେ ବିବାଦ ଏବେ ଶେଷ ହେବା ପରି ଦେଖାଯାଉଛି। କାରଣ ସେ ଅକ୍ଷୟ କୁମାରଙ୍କ କମ୍ପାନୀର ନିର୍ମାତାଙ୍କୁ ସୁଧ ସହିତ ତାଙ୍କର ସାଇନିଂ ଫିସ୍ ଫେରାଇ ଦେଇଛନ୍ତି। ଏହା ସହିତ ଫିଲ୍ମ ଛାଡିବାର ଆଉ ଏକ ନୂତନ କାରଣ ମଧ୍ୟ ସାମ୍ନାକୁ ଆସିଛି। ବଲିଉଡ୍ ହଙ୍ଗାମାର ଏକ ରିପୋର୍ଟ ଅନୁଯାୟୀ, ପରେଶ ରାୱଲ 'ହେରା ଫେରି ୩'ର ନିର୍ମାତାଙ୍କୁ ୧୧ ଲକ୍ଷ ଟଙ୍କା ଫେରାଇ ଦେଇଛନ୍ତି, ଯାହା ସେ ସାଇନିଂ ଫିସ୍ ଭାବରେ ପାଇଥିଲେ। ସେ ଫିଲ୍ମ ଛାଡିବା ପାଇଁ ୧୫% ବାର୍ଷିକ ସୁଧ ଏବଂ କ୍ଷତିପୂରଣ ଭାବରେ କିଛି ଅତିରିକ୍ତ ରାଶି ମଧ୍ୟ ଫେରାଇ ଦେଇଛନ୍ତି। ଫିଲ୍ମ ପାଇଁ ପରେଶ ରାୱଲଙ୍କ ମୋଟ ଫିସ୍ ୧୫ କୋଟି ଟଙ୍କା ସ୍ଥିର କରାଯାଇଥିଲା, ଯାହା ତାଙ୍କ ଟର୍ମ ସିଟରେ ଏକ ବାର୍ଷିକ କ୍ଲଜ୍ ମଧ୍ୟ ଥିଲା। 'ହେରା ଫେରି ୩' ରିଲିଜ୍ ହେବାର ଗୋଟିଏ ମାସ ପରେ ତାଙ୍କୁ ବାକି ୧୪.୮୯ କୋଟି ଟଙ୍କା ମିଳିବାର ଥିଲା। ସମ୍ପୂର୍ଣ୍ଣ ସୁଟିଂ ଆସନ୍ତା ବର୍ଷ ଆରମ୍ଭରେ ହେବ ବୋଲି ଆଶା କରାଯାଉଥିଲା ଏବଂ ରିଲିଜ୍ ତାରିଖ ୨୦୨୬ ଶେଷ କିମ୍ବା ୨୦୨୭ ରେ ସ୍ଥିର ହେବ ବୋଲି କୁହାଯାଉଥିଲା। ଅଭିନେତାଙ୍କୁ ଏହି ବିଳମ୍ବ ପସନ୍ଦ ଆସିନଥିଲା। ପେମେଣ୍ଟ ପାଇଁ ଦୀର୍ଘ ସମୟ ଅପେକ୍ଷା ପାଇଁ ପରେଶ ପଛକୁ ହଟିବାକୁ ନିଷ୍ପତ୍ତି ନେଇଥିଲେ, ଯାହା ପରେ ତାଙ୍କ ଓ ଅକ୍ଷୟ କୁମାରଙ୍କ 'କେପ୍ ଅଫ୍ ଗୁଡ୍ ଫିଲ୍ମସ୍' ମଧ୍ୟରେ ଏକ ଆଇନଗତ ଲଢ଼େଇ ଆରମ୍ଭ ହୋଇଥିଲା। କମ୍ପାନୀ ପରେଶଙ୍କ ଉପରେ ୨୫ କୋଟି ଟଙ୍କାର ଜରିମାନା ଲଗାଇଥିବା ଜଣାପଡ଼ିଛି। ପରେଶ ରାୱଲ 'ହେରା ଫେରି'ରେ ବାବୁରାଓ ଗଣପତରାଓ ଆପଟେ ଚରିତ୍ରରେ ଅଭିନୟ କରିଥିଲେ।

# ସନ୍ ଅଫ ସର୍ଦ୍ଦାର ଫେମ୍ ଆକ୍ଟର ମୁକୁଲ ଦେବଙ୍କ ପରଲୋକ

**ମୁମ୍ବାଇ, (ହି.ସ.):** ସନ୍ ଅଫ ସର୍ଦ୍ଦାର ଫେମ୍ ଆକ୍ଟର ମୁକୁଲ ଦେବଙ୍କ ୫୪ ବର୍ଷ ବୟସରେ ପରଲୋକ ଘଟିଛି। ଦିଲ୍ଲୀର ଏକ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ବିଳମ୍ବିତ ରାତିରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଗତ କିଛି ଦିନ ହେଲା ସେ ରୋଗଗ୍ରସ୍ତ ଥିଲେ। ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଥିଲା। ହେଲେ ଶେଷରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ଅଭିନେତ୍ରୀ ଦୀପଶୀଖା ନାଗପାଲ ସୋସିଆଲ ମିଡ଼ିଆରେ ମୁକୁଲ ଦେବଙ୍କ ପରଲୋକ ନେଇ ସୂଚନା ରଖିଛନ୍ତି। ତାଙ୍କ ବିୟୋଗ ଖବର ଶୁଣି ପ୍ରଶଂସକମାନେ ମଧ୍ୟ ସମବେଦନା ଜ୍ଞାପନ କରିଛନ୍ତି। ମୁକୁଲ ଦେବଙ୍କ ବିୟୋଗରେ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଲାଗିଛି ଝଟ୍କା। ମୁକୁଲ ଦେବ ୧୯୯୦ ଦଶକରେ ଟେଲିଭିଜନ ଧାରାବାହିକ 'ମୁମକିନ୍'ରେ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ନିଜର ସଶକ୍ତ ଅଭିନୟରେ ଦର୍ଶକଙ୍କ ଧ୍ୟାନ ନିଜ ଆଡକୁ ଆକର୍ଷିତ କରିଥିଲେ। ସେ ଅନେକ ଧାରାବାହିକ ଏବଂ ୱେବ ସିରିଜ୍ ରେ ମଧ୍ୟ ନଜର ଆସିଥିଲେ । ତାଙ୍କ ଦ୍ୱାରା ଅଭିନିତ ଅନେକ ଚରିତ୍ର ଦର୍ଶକମାନଙ୍କୁ ବହୁତ ପସନ୍ଦ ଆସିଥିଲା। ସେ ଦସ୍ତକ, ଯମଲା ପଗଲା ଦିୱାନା, ଆର...ରାଜକୁମାର, ଜୟ ହୋ ଭଳି ସୁପରହିଟ୍ ଫିଲ୍ମ ରେ କାମ କରିଛନ୍ତି। ମୁକୁଲ ଦେବ ନୂଆଦିଲ୍ଲୀର ଏକ ପଞ୍ଜାବୀ ପରିବାରରେ ଜନ୍ମଗ୍ରହଣ କରିଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik